ଆଜି - ଗୁରୁବାର
ତାରିଖ - ୨୧ ମଇ ୨୦୨୬
ମାସ - ବୃଷ, ଦିନ - ୦୭
ତିଥି - ପଂଚମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୁଷ୍ୟା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୧୩ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି



"ଯେଉଁ ଦିନ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥାଅ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ତୁମେ କୌଣସି ଭୁଲ୍ ବାଟରେ ଯାଉଛ ।"
- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 37 R.N.I. REGD. No. 44026/86 ବାଲେଶ୍ୱର ୨୧ ମଇ ୨୦୨୬ ଗୁରୁବାର BALASORE 21 MAY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଇଟାଲୀର ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ରୋମ୍ : ଉଭୟ ପ୍ରଧାନମନ୍ତ୍ରୀ ଉଚ୍ଚସ୍ତରୀୟ ଆଦାନପ୍ରଦାନ ଏବଂ ଦ୍ୱିପାକ୍ଷିକ ସହଯୋଗର ଉତ୍କୃଷ୍ଟ ଅଭିବୃଦ୍ଧି ଏବଂ ବିବିଧତାକୁ ସ୍ୱାଗତ କରିଛନ୍ତି । ସେମାନେ ଭାରତ-ଇଟାଲୀ ରଣନୈତିକ ସହଭାଗୀତାକୁ ସ୍ୱତନ୍ତ୍ର ରଣନୈତିକ ସହଭାଗୀତା ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତି ନେଇଛନ୍ତି । ସେମାନେ ବହୁପାକ୍ଷିକ କାର୍ଯ୍ୟକ୍ରମର ପାର୍ଶ୍ୱରେ ନେତାମାନଙ୍କର ବାର୍ଷିକ ବୈଠକ ଏବଂ ନିୟମିତ ମନ୍ତ୍ରୀସ୍ତରୀୟ ଏବଂ ପ୍ରତିଷ୍ଠାନସ୍ତରୀୟ ବୈଠକ ଆୟୋଜନ କରିବାକୁ ମଧ୍ୟ ରାଜି ହୋଇଛନ୍ତି । ଭାରତ-ଇଟାଲୀ ସହଭାଗୀର ସମଗ୍ର ପରିସରକୁ କଭର କରି ଦୁଇ ନେତା ବ୍ୟାପକ ଆଲୋଚନାରେ ସାମିଲ ହୋଇଥିଲେ । ଉଭୟ ନେତା ମିଳିତ ରଣନୈତିକ କାର୍ଯ୍ୟ ଯୋଜନା ୨୦୨୫-୨୦୨୯ ର ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ପ୍ରଗତି ସମୀକ୍ଷା କରିଥିଲେ । ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ନବସୃଜନ, ମହାକାଶ, ଶକ୍ତି, ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସଂସ୍କୃତି ଏବଂ ଲୋକ-ଲୋକ ସମ୍ପର୍କ କ୍ଷେତ୍ରରେ ସହଯୋଗକୁ ଆହୁରି ବିସ୍ତାର କରିବାକୁ ଉଭୟ ନେତା ସହମତ ହୋଇଛନ୍ତି । ମିଳିତ ରଣନୈତିକ କାର୍ଯ୍ୟ ଯୋଜନାର ନିୟମିତ ସମୀକ୍ଷା କରିବା ପାଇଁ





ସେମାନେ ଏକ ବୈଦେଶିକ ମନ୍ତ୍ରୀ ସ୍ତରୀୟ ତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଛନ୍ତି । ଦ୍ୱିପାକ୍ଷିକ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ, ବର୍ଦ୍ଧିତ ନିବେଶ ଏବଂ ଦୀର୍ଘକାଳୀନ ସହଯୋଗ ନିର୍ମାଣ ପାଇଁ ପ୍ରୟାସରେ ନବୀକରଣ ହୋଇଥିବା ଗତିକୁ ନେତାମାନେ ଲକ୍ଷ୍ୟ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେମାନେ ଗତ ବର୍ଷ ତିନୋଟି ବ୍ୟବସାୟ ମଂଚର ଆଦାନପ୍ରଦାନକୁ ସ୍ୱାଗତ କରିଥିଲେ । ସେମାନେ ପ୍ରତିରକ୍ଷା, ଡିଜିଟାଲ୍, ଶକ୍ତି ପରିବର୍ତନ, ଭିତିଭୂମି ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ମନୋନୀତ ଇଟାଲୀୟ ଏବଂ ଭାରତୀୟ ସିଇଓଙ୍କୁ ମଧ୍ୟ ଭେଟିଥିଲେ । ୨୦୨୯ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ୟୁରୋକୁ ବିସ୍ତାର କରିବାର ମିଳିତ ଲକ୍ଷ୍ୟକୁ ଉଲ୍ଲେଖ କରି, ଉଭୟ ନେତା ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରୁ ସୁଯୋଗଗୁଡ଼ିକୁ ଉପଯୋଗ କରିବାକୁ ରାଜି ହୋଇଥିଲେ ଏବଂ ଏହାର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଆହ୍ୱାନ କରିଥିଲେ । ମନ୍ତ୍ରୀସ୍ତରୀୟ ଏବଂ ସରକାରୀ ଆଲୋଚନା, ବନ୍ଦର ଗସ୍ତ ଏବଂ ପ୍ରତିରକ୍ଷା ବାହିନୀର ନିୟମିତ ନିୟୋଜିତତା ମାଧ୍ୟମରେ ପ୍ରତିରକ୍ଷା ସହଯୋଗକୁ ଗଭୀର କରିବା ଉପରେ ଉଭୟ ନେତା ସନ୍ତୋଷ ପ୍ରକାଶ କରିଥିଲେ । ପ୍ରତିରକ୍ଷା ଉତ୍ପାଦଗୁଡ଼ିକର ସହ-ଡିଜାଇନ୍, ସହ-ବିକାଶ ଏବଂ ସହ-ଉତ୍ପାଦନରେ ସହଯୋଗ ପାଇଁ ଏକ ଶିଳ୍ପ ରୋଡମ୍ୟାପ୍, ମିଳିତ ଇଂଟେଟ ଘୋଷଣାନାମା ସ୍ୱାକ୍ଷରକୁ ସେମାନେ ସ୍ୱାଗତ କରିଥିଲେ । ନେତାମାନେ ଉଭୟ ଦେଶର ଗବେଷକ ଏବଂ ବୈଜ୍ଞାନିକ ପ୍ରତିଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କ ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଇଟାଲୀୟ ମହାକାଶ ସଂସ୍ଥା ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନ ମଧ୍ୟରେ ଚାଲିଥିବା ସହଯୋଗ ଏବଂ ବାଣିଜ୍ୟିକ ମହାକାଶ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରୟାସକୁ ସ୍ୱାଗତ କରିଛନ୍ତି । ସେମାନେ ଇଓ, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି, ଯାହା ଭାରତର ପ୍ରତିଭାଶାଳୀ କାର୍ଯ୍ୟଶକ୍ତି ଏବଂ ଇଟାଲୀର ପ୍ରଯୁକ୍ତିବିଦ୍ୟା ଦକ୍ଷତାକୁ ସମନ୍ୱିତ କରିଥାଏ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାପାନ କନ୍‌ସୁଲ ଜେନେରାଲ

ଭୁବନେଶ୍ୱର : କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ମିଷ୍ଟର ଇସିକାଓ୍ୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜାପାନ ଓ ଓଡିଶା ମଧ୍ୟରେ ସହଭାଗୀତା ବୃଦ୍ଧି ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର ଉଚ୍ଚ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଜାପାନ ଓଡିଶାରେ ଅଧିକ ନିବେଶ କରିବା ସହିତ ଓଡିଶାର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । କନସୁଲ ଜେନେରାଲ୍ ମିଷ୍ଟର ଇସିକାଓ୍ୱା ଉଭୟ ଜାପାନ ଓ ଓଡିଶା ମଧ୍ୟରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଓଡିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଜାପାନର ଏକ ରାଜ୍ୟ



'ତୋତୋରି' (Tottori Prefecture) ଓ ଓଡିଶା ମଧ୍ୟରେ ସହଭାଗୀତା ହେବ । ଏହି ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବରେ କାର୍ଯ୍ୟ କରିବେ । ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ । ପରବର୍ତ୍ତୀ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ । ଏହା ସହିତ ଓଡିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକର ନିଷ୍ପତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଂଟ ଏଜେନ୍ସି ମାନେ ଓଡିଶାରେ କାମ କରିବେ । ଓଡିଶାର ଯୁବକ ଯୁବତୀ ମାନେ ଯେପରି ଅଧିକ ସଂଖ୍ୟାରେ ଜାପାନରେ ନିଯୁକ୍ତି ପାଇପାରିବେ, ସେଦିଗରେ ଏହି ସଂସ୍ଥାମାନେ ସହଯୋଗ ଯୋଗାଇଦେବେ । ଏହା ବ୍ୟତୀତ ଜାପାନ ଓ ଓଡିଶା ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ଓଡିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

- ସାରା ଦେଶର ଶ୍ରଦ୍ଧାଳୁଙ୍କ ପାଇଁ ଏକ ବଡ଼ ଏବଂ ପ୍ରତୀକ୍ଷିତ ଖବର । ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପବିତ୍ର ଅମରନାଥ ଯାତ୍ରା ।
- ଓଡିଶା ତାପଜ ଶକ୍ତି ନୀତି, ୨୦୦୮ର କାର୍ଯ୍ୟକ୍ଷମତାକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ, ନୀତିକୁ ଅଧିକ ଆକର୍ଷଣୀୟ କରିବା ଏବଂ ସୁଚାରୁ ଭାବରେ କାର୍ଯ୍ୟାନ୍ୱୟନ କରିବା ପାଇଁ ନିମ୍ନଲିଖି ସଂଶୋଧନଗୁଡ଼ିକୁ ଭବିଷ୍ୟତ ପ୍ରଭାବରେ କାର୍ଯ୍ୟକାରୀ କରାଯାଉଛି ।
- ଟ୍ରକ ମାଲିକ ସଂଘ ପକ୍ଷରୁ ରାଜ୍ୟର ଟ୍ରକ ମାଲିକମାନଙ୍କ ଦୀର୍ଘଦିନର ସମସ୍ୟା, ଅନ୍ୟାୟ ଜୋରିମାନା, ଡିଜେଲ ମୂଲ୍ୟ ବୃଦ୍ଧି ଓ ନ୍ୟାୟସଙ୍ଗତ ପରିବହନ ଭଡ଼ା ଧାର୍ଯ୍ୟ କରିବା ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଏକ ଲିଖିତ ଆବେଦନ ପ୍ରଦାନ କରାଯାଇଛି ।
- ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ବୁଧବାର ଡେରାଡୁନରେ ପହଂଚିଛନ୍ତି । ସେ ଉତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିସି ଖଣ୍ଡୁରୀଙ୍କୁ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ : ମୋଟ୍ ପାସ୍ ହାର ୮୫.୮୫ ପ୍ରତିଶତ

ଭୁବନେଶ୍ୱର : ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ । ଏକା ସାଙ୍ଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଆଜି ଦିନ ସାଢ଼େ ୧୨ ଟା ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ । ଚଳିତ ବର୍ଷ ସମୁଦାୟ ପାସ୍ ହାର ୮୫.୮୫ ପ୍ରତିଶତ ରହିଛି । ସେହିପରି ବିଜ୍ଞାନରେ




ପାସ୍ ହାର ୮୮.୮୨ ପ୍ରତିଶତ, କଳାରେ ୮୪.୫୦ ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୮.୦୭ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୭.୬୨ ପ୍ରତିଶତ ରହିଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷା ଫଳ https:// results.odisha.gov.in ଏବଂ https://results.digilocker.gov.in ୱେବସାଇଟରେ ଜାଣିପାରିବେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ଏକ ବିଶେଷ ଘୋଷଣା କରି ଚଳିତ ବର୍ଷ ଛାତ୍ରଛାତ୍ରୀମାନେ କୌଣସି ଗୋଟିଏ ବିଷୟରେ ଉନ୍ନତି (Improvement) ପରୀକ୍ଷା ଦେଇପାରିବେ ବୋଲି କହିଛନ୍ତି ଏଥିସହ ସ୍ୱଚ୍ଛତା ସହକାରେ ପରୀକ୍ଷା ପରିଚାଳନା ନେଇ ଖୁସି ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡ଼ା ଏନ୍.ତିରୁମାଳା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶ୍ରୀ ମୃଣାଳ କାନ୍ତି ଦାସ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶ୍ରୀମତୀ ଶୁଭ୍ରାବାଳା ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ବର୍ଗରେ ମୋଟ୍ ୩ ଲକ୍ଷ ୯୮ ହଜାର ୯୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩ ଲକ୍ଷ ୪୧ ହଜାର ୭୮୧ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । କଳାରେ ୨ ଲକ୍ଷ ୧୪ ହଜାର ୭୩୮ ଜଣ ପିଲା ଉତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୧ ହଜାର ୪, ବାଣିଜ୍ୟରେ ୨୧ ହଜାର ୩୯୩ ଓ ଧନ୍ଦାମୂଳକ ଶିକ୍ଷାରେ ୪ ହଜାର ୫୪୬ ଜଣ ପିଲା ଉତୀର୍ଣ୍ଣ ହୋଇଛନ୍ତି । କଳାରେ ସମ୍ବଲପୁର ଜିଲ୍ଲା ୮୯.୪୮ ପ୍ରତିଶତରେ ସର୍ବାଧିକ ଉତୀର୍ଣ୍ଣ ହାର ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୭୭.୧୪ ପ୍ରତିଶତ ରହିଛି । ବିଜ୍ଞାନରେ ବାଲେଶ୍ୱର ଜିଲ୍ଲା ୯୬.୬୩ ପ୍ରତିଶତରେ ସର୍ବାଧିକ ଉତୀର୍ଣ୍ଣ ହାର ଥିବା ବେଳେ କୋରାପୁଟ ଜିଲ୍ଲାରେ ସର୍ବନିମ୍ନ ୭୭.୧୪ ପ୍ରତିଶତ ରହିଛି । ବାଣିଜ୍ୟରେ ବୌଦ୍ଧ ଜିଲ୍ଲା ୧୦୦ ପ୍ରତିଶତରେ ସର୍ବାଧିକ ଉତୀର୍ଣ୍ଣ ହାର ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ ୭୭.୨୫ ପ୍ରତିଶତ ଉତୀର୍ଣ୍ଣ ହାର ରହିଛି । ଧନ୍ଦାମୂଳକ ଶିକ୍ଷାରେ ନବରଙ୍ଗପୁର ଜିଲ୍ଲା ୧୦୦ ପ୍ରତିଶତରେ ସର୍ବାଧିକ ଉତୀର୍ଣ୍ଣ ହାର ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ୫୫.୨୨ ପ୍ରତିଶତ ରହିଛି । ସୂଚନାନୁସାରେ, ମଇ ୨୧ ତାରିଖରୁ ଡିଜି ଲକର୍ ରୁ ମାର୍କସିଟ୍ ଡାଉନଲୋଡ୍ କରିପାରିବେ ଛାତ୍ରଛାତ୍ରୀ । ଏଥିସହ ଜୁନ୍ ୧୫ ତାରିଖରୁ ମାର୍କସିଟ୍ ର ହାର୍ଡ କପି ନିଜ ନିଜ ଶିକ୍ଷାନୁଷ୍ଠାନରୁ ପାଇପାରିବେ । ଜୁଲାଇ ପ୍ରଥମ ସପ୍ତାହରେ ଇନଷ୍ଟାଂଟ ପରୀକ୍ଷା ଓ ଉନ୍ନତି (Improvement) ପରୀକ୍ଷା ପାଇଁ ଆବେଦନ କରିପାରିବେ, ଏଥିନିମନ୍ତେ ମଇ ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । https:// results.odisha.gov.in Gaõ https:/ /results.digilocker.gov.in ୱେବସାଇଟ୍ ମାଧ୍ୟମରେ ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନଲୋଡ୍ କରିପାରିବେ ।

### ପାସ୍ ହାର
- ବିଜ୍ଞାନ- ୮୮.୮୨ ପ୍ରତିଶତ
- କଳା- ୮୪.୫୦ ପ୍ରତିଶତ
- ବାଣିଜ୍ୟ- ୮୮.୦୭ ପ୍ରତିଶତ
- ଧନ୍ଦାମୂଳକ- ୭୭.୬୨ ପ୍ରତିଶତ

## ୬ ସହରରେ ଗଢ଼ିବ ଆମ ବସ୍ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ସହାରାଂଚଳ ଯାତ୍ରୀ ପରିବହନ କ୍ଷେତ୍ରରେ ଆଉ ପାଦେ



ଆଗକୁ ଯିବ କୁଟ । ଆଉ ୬ ସହରରେ ଗଢ଼ିବ ଆମ ବସ୍ । ଏନେଇ ଏକ ଉଚ୍ଚ ସ୍ତରୀୟ ବୈଠକରେ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ଏହା ସହ ଡିପୋ ସମ୍ପ୍ରସାରଣ ଓ ପିଏମ୍ ଇ-ବସ୍ ସେବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ବୈଠକରେ ମନ୍ତ୍ରୀ କେନ୍ଦୁଝର, ବାରିପଦା, ଅନୁଗୁଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କୁଟର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ । ଏହା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗିରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ । ବୈଠକରେ ସୂଚନା ଦିଆଯାଇଥିଲା, କେନ୍ଦୁଝରରେ ନୂତନ ଭାବେ ଆରମ୍ଭ ହୋଇଥିବା ବୈଦ୍ୟୁତିକ ବସ୍ ସେବାରେ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏହା ଦୈନିକ ପ୍ରାୟ ୧,୩୦୦ ଯାତ୍ରୀରେ ପହଂଚିଛି । ଏହି ସମୀକ୍ଷାରେ 'ପିଏମ୍ ଇ-ବସ୍ ସେବା' ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ୪୦୦ ପିଏମ୍ ଇ-ବସ୍ ଆସିବ । ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବସ୍ରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍‌ଏବଂ ଡ୍ରାଇଭର୍ ଫାଟିଗ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ଡିଏଫ୍‌ଏମ୍‌ଏସ୍)ର ମୁତୟନକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚାନ୍ଦିପୁରରେ ଦୂରଗାମୀ ରକେଟ୍ ସୂର୍ଯ୍ୟାସ୍ତ୍ରର ସଫଳ ପରୀକ୍ଷଣ

ଚାନ୍ଦିପୁର : ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ବଢ଼ାଇବା ଦିଗରେ ବୁଧବାର ଏକ ବଡ଼ ସଫଳତା ମିଳିଛି । ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରଠାରେ ଘରୋଇ ପ୍ରତିରକ୍ଷା ସଂସ୍ଥା 'ନିବେ ଲିମିଟେଡ୍' ଦ୍ୱାରା ନିର୍ମିତ ଦୂରଗାମୀ ରକେଟ୍ ପ୍ରଣାଳୀ 'ସୂର୍ଯ୍ୟାସ୍ତ୍ର' ର ସଫଳ ପରୀକ୍ଷଣ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରକେଟ୍ ସମ୍ପୂର୍ଣ୍ଣ ସୂକ୍ଷ୍ମତା ଓ ସଠିକତାର ସହ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି । ଏହି ପରୀକ୍ଷଣ ସମୟରେ 'ସୂର୍ଯ୍ୟାସ୍ତ୍ର' ରକେଟ୍ ସିଷ୍ଟମର ଦୁଇଟି ଭିନ୍ନ ସଂସ୍କରଣର ଟ୍ରାଏଲ୍ କରାଯାଇଥିଲା, ଯାହାର ମାରକ କ୍ଷମତା ଯଥାକ୍ରମେ ୧୫୦ କିଲୋମିଟର ଏବଂ ୩୦୦ କିଲୋମିଟର ରହିଛି । ଭାରତୀୟ ସେନା ପକ୍ଷରୁ ଦିଆଯାଇଥିବା ଏକ କ୍ରୟ ଅର୍ଡର ଆଧାରରେ ଏହି ପରୀକ୍ଷଣ କରାଯାଇଛି, ଯାହା ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ




କମ୍ପାନୀଗୁଡ଼ିକ ଉପରେ ସେନାର ବଢୁଥିବା ଭରସାକୁ ଦର୍ଶାଉଛି । 'ସୂର୍ଯ୍ୟାସ୍ତ୍ର' ହେଉଛି ଏକ ଦୂରଗାମୀ ଗାଇଡେଡ୍ ରକେଟ୍ ଆର୍ଟିଲାରୀ ସିଷ୍ଟମ୍ । ଶତ୍ରୁ ପକ୍ଷର ସୀମା ଭିତରକୁ ପଶି ସେମାନଙ୍କର ପ୍ରମୁଖ ସେନା ଘାଟି, କମାଣ୍ଡ ସେଂଟର, ରାଡାର୍ ଷ୍ଟେସନ ଏବଂ ଯୋଗାଣ କେନ୍ଦ୍ର ଉପରେ ସଠିକ୍ ଆକ୍ରମଣ କରିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ସାଧାରଣ ବା ପାରମ୍ପରିକ ଆର୍ଟିଲାରୀ ସେଲ୍ ତୁଳନାରେ ଏହି ଗାଇଡେଡ୍ ରକେଟ୍ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ଅତ୍ୟାଧୁନିକ ନେଭିଗେସନ ଏବଂ କଂଟ୍ରୋଲ ସିଷ୍ଟମ ବ୍ୟବହାର କରାଯାଇଛି, ଯାହାଫଳରେ ରକେଟ୍ଟି ଅତି ଦୂର ଅତିକ୍ରମ କରିବା ପରେ ମଧ୍ୟ ନିଜ ଲକ୍ଷ୍ୟରୁ ସାମାନ୍ୟ ମଧ୍ୟ ବିଚ୍ୟୁତ ହୁଏନାହିଁ । ଭାରତୀୟ ସେନାକୁ ଏକ ଦ୍ରୁତ ଏବଂ ଶକ୍ତିଶାଳୀ ଆକ୍ରମଣ କ୍ଷମତା ଯୋଗାଇବା ସହ ବିଦେଶୀ ମିସାଇଲ୍ ଉପରେ ନିର୍ଭରଶୀଳତା କମାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ୧୫୦ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ରକେଟ୍: ଏହାକୁ ମୁଖ୍ୟତଃ ଯୁଦ୍ଧକ୍ଷେତ୍ରର ନିକଟବର୍ତ୍ତୀ ଅଂଚଳରେ ଶତ୍ରୁକୁ ରୋକିବା ଏବଂ କ୍ରିଟିକାଲ୍ ଅପରେସନ ପାଇଁ ବ୍ୟବହାର କରାଯିବ । ୩୦୦ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ରକେଟ୍: ଏହା ଭାରତର 'ଷ୍ଟାଣ୍ଡ-ଅଫ୍ ଷ୍ଟ୍ରାଇକ୍' କ୍ଷମତାକୁ ବହୁଗୁଣିତ କରିବ । ଅର୍ଥାତ୍, ଭାରତୀୟ ସୈନ୍ୟମାନେ ଶତ୍ରୁର ସୀମାକୁ ନଯାଇ ବହୁ ଦୂରରେ ସୁରକ୍ଷିତ ରହି ଶତ୍ରୁର ଗୁପ୍ତ ରଣନୀତିକ ଆଡ୍ଡାକୁ ଧ୍ୱଂସ କରିପାରିବେ ଏହି ପରୀକ୍ଷଣର ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା ଏହାର ସିଇପି । ସାମରିକ ଭାଷାରେ, ଉରଚ ହେଉଛି ଏକ ମିସାଇଲ୍ ବା ରକେଟ୍ର ସଠିକତା ମାପିବାର ମାନଦଣ୍ଡ । ସୂର୍ଯ୍ୟାସ୍ତ୍ରର ୧୫୦ କିମି ସଂସ୍କରଣର ଉରଚ ମାତ୍ର ୧.୫ ମିଟର ଏବଂ ୩୦୦ କିମି ସଂସ୍କରଣର ଉରଚ ମାତ୍ର ୨ ମିଟର ରହିଥିଲା ।



# ଅରଡ଼ବଜାର ଠାରେ ଜବରଦଖଲ ଉଚ୍ଛେଦ: ଭଙ୍ଗାରୁଜାରେ ପାତରଅନ୍ତର ନୀତି





ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ସହର ସ୍ଥିତ ଅରଡବଜାର ଠାରେ ଆଜି ଜେସିବି ବୁଲିଛି । ଏହାଦ୍ୱାରା ଦୀର୍ଘଦିନ ହେବ ସରକାରୀ ଜମିକୁ ଜବରଦଖଲ କରି ରହି ଆସୁଥିବା ଘର ସାଙ୍ଗକୁ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି । ଆଜି ସକାଳ ଠାରୁ ଅପରାହ୍ଣ ପର୍ଯ୍ୟନ୍ତ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏଥିରେ ବିଶେଷ କରି ୨୨୬ଟି ଘରକୁ ଭାଙ୍ଗିଦିଆଯାଇଛି । ସୂଚନା ଅନୁସାରେ,ସହରର ଅରଡବଜାର ଠାରେ ସରକାରୀ ଜମିକୁ ଜବରଦଖଲ କରି ଲୋକେ ରହୁଥିବା ବେଳେ ସେଠାରେ ସବୁ ବେଳେ ଭିଡ ଲାଗି ରହିଥାଏ । ଏହି ସମସ୍ତ ସରକାରୀ ଜମି ହେଉଛି ପିଡବ୍ଲ୍ୟୁଡିର । ଏଣୁ ଏହାକୁ ଉଚ୍ଛେଦ କରିବା ପାଇଁ ଗୋଟିଏ ଦିନ ପୂର୍ବରୁ ମାଇକ ଯୋଗେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଏନେଇ ଆଜି ଉଚ୍ଛେଦ କରାଯାଇଛି । ବିଶେଷ କରି ସେଠାରେ ଥିବା ୯୯ଟି ଘର ସାଙ୍ଗକୁ ୧୦୯ଟି ଦୋକାନ ଘର,୧୧ଟି ବାଉଣ୍ଡରୀ ୱାଲ ସମେତ ଅନ୍ୟାନ୍ୟ ଜବତ ଦଖଲକୁ ଉଚ୍ଛେଦ କରାଯାଇଛି । ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଏହି ଉଚ୍ଛେଦ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଏବଂ ଅଧିକାରୀଙ୍କୁ ମିଶାଇ ମୋଟ ୧୮ଜଣ ଅଧିକାରୀ ଉପସ୍ଥିତ ଥିଲେ । ଏହାଛଡା ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ମଧ ସେଠାରେ ଉପସ୍ଥିତ ଥିଲେ । ଜବରଦଖଲକାରୀମାନେ ରାସ୍ତା ଉପରକୁ ସବୁ ମାଡି ଆସିଥିଲେ । ଏପରିକି ସେମାନେ ସେଠରେ ଘର କରି ମଧ ରହିଥିଲେ । ଆଜି ସେଇ ସମସ୍ତ ଜବରଦଖଲକୁ ଉଚ୍ଛେଦ କରାଯାଇଛି । ବିଶେଷ କରି ଆଜି ସକାଳେ ସ୍ଥାନୀୟ ଶନି ମନ୍ଦିର ଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇ ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ଥିବା ସମସ୍ତ ଜବର ଦଖଲ ଘରକୁ ଭାଙ୍ଗିଦିଆଯାଇଛି । ଏଥିରେ ବହୁ ଜେସିବି ମଧ ବ୍ୟବହାର କରାଯାଇଛି । ବିଶେଷ କରି ପୁଲିସ ପକ୍ଷରୁ ଫୁଲାଡି ଛକ ଠାରୁ ରାସ୍ତା ବ୍ଲକ କରାଯାଇଥିଲା । ଏଥିରେ ୩ଜଣ ଅତିରିକ୍ତ ଏସପିଙ୍କ ସମେ। ୫ଜଣ ଡିଏସପି,୬ଜଣ ଇନସପେକ୍ଟର,୨୦ଜଣ ସବ ଇନସପେକ୍ଟର ଓ ଏଏସଆଇ ନିୟୋଜିତ ହୋଇଥିଲେ । ପରବର୍ତି ସମୟରେ ଏହି ସ୍ଥାନକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଭଙ୍ଗାରୁଜା ଘଟଣାରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି । ଯେଉଁ ମୁଷ୍ଟିମେୟ ବ୍ୟକ୍ତିମାନେ ସରକାରୀ ଜାଗା ଉପରେ ରାତି ଅଧିଆ ଜୋରଜବରଦସ୍ତ ଘରକରି ଦୀର୍ଘ ୩୦ରୁ ୪୦ବର୍ଷ ଧରି ବସବାସ କରୁଥିଲେ ସେହିମାନଙ୍କର କେବଳ ସାଜା ତାଡ଼ିଆଣିଥିବା ଦେଖିବାକୁ ମିଳିଛି ।

# ଶ୍ରମିକ ମାରଣ ନୀତିକୁ ବିରୋଧ: କର୍ପୋରେଟର କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ



ବାଲେଶ୍ୱର, (ନି.ପ୍ର.) ଟିପିଏନଓଡିଏଲ ପକ୍ଷରୁ ଚାଲିଥିବା ଠିକା ଓ ଆଉଟସୋର୍ସିଂ ଶ୍ରମିକଙ୍କ ଅନ୍ୟାୟ ଛଟେଇକୁ ନେଇ ଶ୍ରମିକମହଲରେ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି । ଏହାକୁ ବିରୋଧ କରି **TPNODL Workers/Employees United Forum** ପକ୍ଷରୁ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ରାମଚନ୍ଦ୍ର ସାସମଲ, ସନ୍ତୋଷ କୁମାର ପୁହାଣ ପ୍ରମୁଖ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧମରେ ଏକ ବିସ୍ତୃତ ସ୍ମାରକପତ୍ର ଦାଖଲ କରାଯାଇଛି । ଫୋରମର ଅଭିଯୋଗ ଅନୁଯାୟୀ, ବିଭିନ୍ନ ଝରଭୟକ୍ଙ୍କ୍ୱ ମାଧମରେ ଦିର୍ଘ ବର୍ଷ ଧରି ଊଚଘଡଓଖ ର ମୂଳ ବିଦ୍ୟୁତ ବିତରଣ କାର୍ଯ୍ୟରେ ନିଯୁକ୍ତ ଥିବା ଅନେକ ଶ୍ରମିକଙ୍କୁ ହଠାତ୍ କାମରୁ ବାହାର କରାଯାଉଛି । ଖାଲି ପଦ ଥିବା ସତ୍ତ୍ୱେ ଏପରି ଛଟେଇ କରାଯିବାକୁ ଫୋରମର ନେତୃବୃନ୍ଦ ଶ୍ରମିକ ବିରୋଧୀ, ଅମାନବିକ ଓ ଆଇନ ବିରୋଧୀ ପଦକ୍ଷେପ ବୋଲି କହିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, **TPNODL** ପକ୍ଷରୁ ଗ୍ରହଣ କରାଯାଉଥିବା ଏହି ପଦକ୍ଷେପ **Industrial Disputes Act**, ୧୯୪୭ ଓ **Contract Labour (Regulation & Abolition) Act**, ୧୯୭୦ ର ସ୍ପଷ୍ଟ ଉଲ୍ଲଂଘନ । ଫୋରମ ତୁରନ୍ତ ଛଟେଇ ବନ୍ଦ କରିବା, ପୂର୍ବରୁ ବରଖାସ୍ତ ହୋଇଥିବା ଶ୍ରମିକଙ୍କୁ ପୁନର୍ବାର ନିଯୁକ୍ତି ଦେବା ଏବଂ ଙ୍କବଭବଶରଙ୍କରଭସ୍ପ ସହ ଆଲୋଚନା କରିବାକୁ ଦାବି କରିଛି । **United Forum** କଠୋର ଚେତାବନୀ ଦେଇଛି ଯେ, ଆସନ୍ତା ୭ ଦିନ ମଧରେ ଯଦି ଶ୍ରମିକଙ୍କ ଦାବି ପୂରଣ ନହୁଏ, ତେବେ **Labour Commissioner** ଙ୍କ ନିକଟରେ ଆଇନଗତ ଅଭିଯୋଗ, ଖବଭକ୍ଙ୍କଙ୍କ୍ୱ ଉକ୍ଙ୍କଙ୍କ୍ୱସ୍ପ ରେ ମାମଲା ସହ ଊଚଘଡଓଖ ର ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିକ୍ଷୋଭ, ନନ୍-କୋଅପରେସନ୍ ଓ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରାଯିବ । ଶ୍ରମିକମାନଙ୍କ କହିବା ଅନୁଯାୟୀ, "ବର୍ଷ ବର୍ଷର ପରିଶ୍ରମ ପରେ ଯଦି ଶ୍ରମିକଙ୍କୁ ଏଭଳି ଅନ୍ୟାୟଭାବେ ରାସ୍ତାକୁ ଆଣାଯାଏ, ତେବେ ସେହି ଅନ୍ୟାୟ ବିରୋଧରେ ଲଢ଼ାଇ ହେବ ଆହୁରି ଜୋରଦାର ।" ଏବେ ଦେଖିବାକୁ ବାକି ରହିଲା—**TPNODL** ପ୍ରଶାସନ ଓ ରାଜ୍ୟ ସରକାର ଏହି ଗୁରୁତର ପ୍ରସଙ୍ଗକୁ କେତେ ଗୁରୁତ୍ୱ ଦେଇ ଶ୍ରମିକଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ହସ୍ତକ୍ଷେପ କରୁଛନ୍ତି । ଜଗଦୀଶ ବେହେରାଙ୍କ ନେତୃତ୍ୱରେ ଭ୍ରମରବର ରାଉତ, ଅକ୍ଷୟ ତ୍ରିପାଠୀ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଣୟ କୁମାର ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଆର୍ତବନ୍ଧୁ ବିଶ୍ୱାଳ, ସୁରେଶ ବେହେରା, ପ୍ରଭାତ ଦାସ, ଦୀପକ କୁମାର ବାରିକ., ବସନ୍ତ କୁମାର ମହାନ୍ତି, ରାଜେଶ ଦାସ, ଜ୍ୟୋତିରଂଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

# ୧୮୬୦ ମସିହା ଆଇନରେ ପଞ୍ଜୀକୃତ ସୋସାଇଟିଗୁଡ଼ିକ ନବୀକରଣ ପ୍ରକ୍ରିୟା ସରଳିକରଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟିର ଦାବି



ବାଲେଶ୍ୱର,(ନି.ପ୍ର.): ୧୮୬୦ ମସିହା ସୋସାଇଟି ଆଇନରେ ପଞ୍ଜୀକୃତ ହୋଇଥିବା ସଂଗଠନଗୁଡ଼ିକର ନବୀକରଣ ପାଇଁ ରାଜସ୍ୱ ବୋର୍ଡ଼ ପକ୍ଷରୁ ଗତ ମାର୍ଚ୍ଚ ୯ ତାରିଖ ଦିନ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା । ଚଳିତ ମଇମାସ ୨୦ ତାରିଖର ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ସମସ୍ତ ସୋସାଇଟିଗୁଡ଼ିକ ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ନବୀକରଣ ପାଇଁ ପଞ୍ଜୀକରଣର ପ୍ରମାଣପତ୍ର, ସଂଘର ତତ୍କାଳୀନ ସ୍ମାରକପତ୍ର ଓ ବାଇ-ଲ'ର ସାର୍ଟିଫାଏଡ୍ ନକଲ ଦାଖଲ ପାଇଁ ବିଜ୍ଞାପନରେ ନିର୍ଦ୍ଦେଶ ଦିଆଯାଇଥିଲା । ସଂଘର କର୍ମକ□ାମାନେ ଜିଲ୍ଲାସ୍ତରରେ ରେଜିଷ୍ଟର ଅଫ୍ ସୋସାଇଟିର ଅଧିକାରୀଙ୍କୁ ଆବେଦନ କଲେ ମଧ ଏହି କାଗଜପତ୍ର ମିଳିପାରୁ ନାହିଁ । ଦୀର୍ଘବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ସୋସାଇଟି ବା ସଂଘଗୁଡ଼ିକର କାଗଜପତ୍ର ଜିଲ୍ଲା ଦପ୍ତରରୁ ମିଳିପାରୁ ନଥିବାରୁ ଏହି ପ୍ରକ୍ରିୟାକୁ ସରଳୀକରଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜସ୍ୱ ବୋର୍ଡ଼ର ସୋସାଇଟି ପଞ୍ଜୀକରଣ ନିବନ୍ଧକଙ୍କୁ ଏକ ଆବେଦନପତ୍ର ପ୍ରଦାନ କରାଯାଇଛି । ଏହି ଆବେଦନ ପତ୍ରରେ ନବୀକରଣ ପ୍ରକ୍ରିୟା ସରଳିକରଣ ସହ ବିନା ଜରିମାନାରେ ଅଧିକ ଛଅମାସ ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି ।

ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସାକ୍ଷାତ କରି ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ କୁମାର ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ୟାମସୁନ୍ଦର ଜେନା ଓ ଶଶାଙ୍କ ଶେଖର ଦ□ ପ୍ରମୁଖ ଆବେଦନପତ୍ର ପ୍ରଦାନ କରି ପଞ୍ଜୀକୃତ ସଂଗଠନର କର୍ମକ□ାମାନେ ନବୀକରଣ ପାଇଁ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପସ୍ଥାପିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂହ ଏ ସଂପର୍କରେ ରାଜସ୍ୱ ବୋର୍ଡ଼ର ସୋସାଇଟି ପଞ୍ଜୀକରଣ ନିବନ୍ଧକଙ୍କୁ ଜଣାଇବା ପାଇଁ ସହମତି ପ୍ରକାଶ କରିଥିଲେ ବୋଲି ସିଭିଲ୍ ସୋସାଇଟି ପକ୍ଷରୁ କୁହାଯାଇଛି ।

# ବାଲେଶ୍ୱର ଜିଲ୍ଲା ବିଜେପିର ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ମହା ପ୍ରଶିକ୍ଷଣ ଶିବିର ୨୦୨୬ ଉଦ୍ଯାପିତ




ବାଲେଶ୍ୱର(ନି.ପ୍ର.)ସ୍ଥାନୀୟ ନୋସି ବିଯିନେସ ପାର୍କ ରେ ଦୁଇଦିନ ଧରି ଚାଲିଥିବା ପଣ୍ଡିତ୍ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ୨୦୨୬ ଉଦ୍ ଜାପିତ ହୋଇ ଯାଇଛି । ଏହି ସମରୋପ ସତ୍ରକୁ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ, ମୂଖ୍ୟ ଆକର୍ଷଣ ଭାବରେ ରାଜ୍ୟ ବିଜେପି ସଭାପତି ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ମନମୋହନ୍ ସାମଲ ଉପସ୍ଥିତ ରହି ପ୍ରଶିକ୍ଷକ ଭାବରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ସ୍ୱରୂପ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ସମ୍ବନ୍ଧରେ ବାର୍ତା ରଖିଥିଲେ, ଉଭାୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ବଖାଣିବା ସହ ବୁଥ ସ୍ତରରେ ଦଳ କିପରି ଆହୁରି ସୁଦୃଢ଼ ହେବ ସେ ବିଷୟରେ କହିଥିଲେ । ପୁର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଶିକ୍ଷଣ ଦ୍ୱାରା ଜଣେ କାର୍ଯ୍ୟକର୍ତା କିପରି ନିଜକୁ ଅଧିକ ମାର୍ଜିତ କରି ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ।ଏହି ସମାରୋପ ସତ୍ରରେ ଜିଲ୍ଲା ପ୍ରଭାରୀ ଗୌତମ ରାୟ , ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ ଦତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରଶିକ୍ଷଣ ବର୍ଗର ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ତଥା ରାଜ୍ୟ ପ୍ରବକ୍ତା ହିତେଶ ମୋହାପତ୍ର, ଜିଲ୍ଲା ବର୍ଗ ପ୍ରମୁଖ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଂଚାସୀନ ଥିଲେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା , ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ ମଂଚ ପରିଚାଳନା କରିଥିଲେ । ଆଜି ଅନୁଷ୍ଠିତ ସମସ୍ତ ୭ଗୋଟି ସତ୍ର କୁ ଜିଲ୍ଲା ସମ୍ପାଦକ ରାଜେଶ ମହାପାତ୍ର ଉପ ସଭାପତି ବିଜୟ କୁମାର ସାହୁ ଓ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ପରିଚାଳନା କରିଥିଲେ । ଅଂଶୁମାନ ସବୁଜ ମହନ୍ତ ବର୍ମା, ବିରଂଚି ନାରାୟଣ ତ୍ରିପାଠୀ, ଜ୍ୟୋତି ରଞ୍ଜନ ନାୟକ, ସୁଜାତା ସାବତ ପାଢୀ, ଆଶୁତୋସ ପରିଡା, ଧିରେନ ସେନାପତି ପ୍ରମୁଖ ସତ୍ର ରେ ପ୍ରଶିକ୍ଷଣ ଦେଇଥିବା ବେଳେ , କାର୍ତିକ ଗିରି, ମୋହିତ ପୋଦ୍ଦାର, କମଳା ବିନ୍ଧାଣୀ, ଆଶିଷ ଘୋଷ, ଅଣୁ ମାଧବ ପଣ୍ଡା, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ସଭାପତିତ୍ୱ କରିଥିଲେ, ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାକୁ ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପରିଚାଳନା କରିଥିଲେ, ସହ ସଂଯୋଜକ ରଣଜିତ୍ ପୃଷ୍ଟି ଗଣମାଧମ ଓ ବଳରାମ ବିଶ୍ୱାଳ ଓ ସୁସ୍ମିତା ପଣ୍ଡା ସାମୂହିକ ସଙ୍ଗୀତ ପରିବେଷଣ ଦାୟିତ୍ୱ ସମ୍ପାଦନ କରିଥିଲେ, ଆଜି ସକାଳ ୬ ଘଟିକା ରେ ବିବେକାନନ୍ଦ ଯୋଗ ସଂସ୍ଥା ପକ୍ଷରୁ ଶିବିରାର୍ଥୀଙ୍କୁ ଯୋଗ ପ୍ରଶିକ୍ଷଣ ଦିଆ ଯାଇଥିଲା କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧରେ ସ୍ୱର ଝଂକାର ସେଠୀ, ସୁରଜ୍ ବିଶାଲ ସ୍ୱାଧୀନ ପଣ୍ଡା, ପବନ କମିଲା,ସୁମନ୍ତ ମହାଲିକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତା ସହଯୋଗ କରଥିଲେ ।

# ସର୍ବଭାରତୀୟ ଔଷଧ ଦୋକାନ ବନ୍ଦ ବାଲେଶ୍ୱରରେ ସଫଳ






ବାଲେଶ୍ୱର(ନି.ପ୍ର.) ସର୍ବଭାରତୀୟ ଔଷଧ ଦୋକାନ ବନ୍ଦ ଡାକରାରେ ୨୦ ତାରିଖ ବୁଧବାର ବାଲେଶ୍ୱର ସହରରେ ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା । ବାଲେଶ୍ୱର ଡ୍ରଗିଷ୍ଟ ଏଣ୍ଡ କେମେଷ୍ଟ୍ରି ଶାଖାର ଆହ୍ୱାନ କ୍ରମେ ସଭାପତି ସିର୍ଦ୍ଧାର୍ଥ ସାରଥି ଦାସ ଓ ସମ୍ପାଦକ ସମୀର କୁମାର ଜଟାନିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ଭେଟି ସର୍ବଭାରତୀୟସ୍ତରରେ ଅନଲାଇନ ମାଧ୍ୟମରେ ଯେଉଁ ଔଷଧ ବିତରଣ କରାଯାଉଛି ତାହା ନିମ୍ନମାନର । ଯାହାଫଳରେ ଅନେକ ଲୋକ ଗୁଣାତ୍ମକ ଔଷଧରୁ ବଂଚିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଏମିତିକି ଅଧିକ ଖର୍ଚ୍ଚାନ୍ତ ହେଉଥିବା ଯୋଗୁଁ ଏହାକୁ ବିରୋଧ କରାଯାଇ ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୋଚାରାର୍ଥେ ଜିଲ୍ଲା ପ୍ରଶାସନ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# +୨ ପରୀକ୍ଷାଫଳ ପ୍ରକାଶିତ

ବାଲେଶ୍ୱର(ନି.ପ୍ର.) +୨ ପରୀକ୍ଷାଫଳରେ ମୋହିତ ପଟ୍ଟନାୟକ ୫୯୫, ଅନନ୍ୟା ପ୍ରଧାନ କଳାରେ ୫୭୪, ଶୁଭମ ନାୟକ(୫୮୬) କମର୍ସରେ, ୧୦ ଛାତ୍ରଛାତ୍ରୀ ପାଖାପାଖି ଶତକଡ଼ା ୯୦ ପ୍ରତିଶତ ମାର୍କ ରଖି ଫଳପ୍ରଦ ହୋଇଛନ୍ତି । ସେହିପରି ବିଜ୍ଞାନରେ ଫକୀରମୋହନ କଲେଜର ୯୮ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଅମିତ କୁମାର ଜେନା(୫୫୭), ଦୀପ୍ତି ଧୁତରା କମର୍ସରେ (୫୫୮) ନମ୍ବର ରଖି ଫକୀରମୋହନ କଲେଜ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଶିକ୍ଷା କ୍ଷେତ୍ରରେ ।

# ଚଳିତ ମାସ ୨୪ ତାରିଖରେ 'ନିହାରିକା ମେଧା ସମ୍ମାନ-୨୦୨୬' ସମାରୋହ


ବାଲେଶ୍ୱର(ନି.ପ୍ର.) ନିହାରିକା ମେଧା ସମ୍ମାନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଟେଲ ଫା[ସି ଠାରେ ସଭାପତି ମୁରଲୀଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିହାରିକା ଫାଉଣ୍ଡେସନର ଅଧ୍ୟକ୍ଷ ରିତିକ୍ ଜୀ ଓ ସାଧାରଣ ସମ୍ପାଦକ ଦେବଦତ ଦାସ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ବାଲେଶ୍ୱର ଜିଲ୍ଲାରୁ ୨୦୨୬ ମସିହାରେ ଦଶମଶ୍ରେଣୀ ପରୀକ୍ଷାରେ ଶତକଡ଼ା ୯୦ ବା ତା'ଠାରୁ ଅଧିକ ନମ୍ବର ରଖିଥିବା (ଇ୧) ମୋଟ ୬୬୮ ଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ମେ ୨୪ ତାରିଖ ଦିନ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରେ ଦ ି ବ ।



୧୦ଘଟିକାରୁ ତିନୋଟି ଅଧିବେଶନରେ ନିହାରିକା ମେଧା ସମ୍ମାନ ପ୍ରଦାନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ଏଥିରେ ସମସ୍ତ ପ୍ରତିଭାଧାରୀ ଉପସ୍ଥିତ ରହି ସମ୍ମାନପତ୍ର ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଶ୍ୟାମସୁନ୍ଦର ମହାନ୍ତି, ଉପସଭାପତି ଅର୍ଦ୍ଧେନ୍ଦୁ ଶେଖର ଦାସ, ଶୁଭମ୍ ? ସାଇ ମହାପାତ୍ର, ସହସମ୍ପାଦକ ବିଭୁଦତ ପରିଡ଼ା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି, ରେବତୀ ନାୟକ, ଡ. ବିଧିକାରାଣୀ ପଟ୍ଟନାୟକ, ପ୍ରିୟଦର୍ଶନୀ ଦାସ, ହର୍ଷ ଖଣ୍ଡେଲୱାଲ, ତପନ କୁମାର ଦାସ, ସତ୍ୟଜିତ୍ ଦାସ, ସୋହନସୌରଭ ଦାସ, ପାର୍ଥସାରଥି ଦାସ, ସୌଭାଗ୍ୟ ଖୁ[ଆ, ଅଭିଷେକ ମହାନ୍ତି, ବିକାଶ ବେହେରା, ମଳୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# କାନ୍ସ ୨୦୨୬ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ଏସ୍ଆରଏଫ୍ଟିଆଇର ଚଳଚ୍ଚିତ୍ର ନିର୍ମାତା ନିଖିଳେଶ ମିଶ୍ର

ବାଲେଶ୍ୱର, (ନି.ପ୍ର.): ଓଡ଼ିଶାର ଯୁବକବି ତଥା ଚଳଚ୍ଚିତ୍ର ନିର୍ମାତା ନିଖିଳେଶ ମିଶ୍ରଙ୍କୁ କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୬ ପାଇଁ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ଭାବେ ଚୟନ କରାଯାଇଛି । ସେ ବର୍ତମାନ କୋଲକାତାସ୍ଥିତ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ (ଏସ୍ଆରଏଫ୍ଟିଆଇ)ର ଡାଇରେକ୍ସନ ଓ ସ୍କ୍ରିନପ୍ଲେ ରାଇଟିଂ ବିଭାଗର ଅନ୍ତିମ ବର୍ଷର ଛାତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ୱେଭ୍ସ ବଜାର ଗ୍ଲୋବାଲ ଆଉଟରିଚ୍ ପ୍ରୋଗ୍ରାମ୍' ଅଧୀନରେ ସେ ଭାରତର ପ୍ରତିନିଧିତ୍ୱ କରିବେ ।ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଚଳଚ୍ଚିତ୍ର ଓ ଗଣମାଧମ କ୍ଷେତ୍ରରେ ଭାରତର ସୃଜନଶୀଳ ପ୍ରତିଭାକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ସହ ଆନ୍ତର୍ଜାତିକ ସହଯୋଗ ଓ ସହ-ନିର୍ମାଣର ସୁଯୋଗ ସୃଷ୍ଟି କରିବା ।ଏସ୍ ?ଆରଏଫ୍ ?ଟିଆଇର ଏହି ଛାତ୍ରଙ୍କ ଚୟନ ଓଡ଼ିଶାର ଆଂଚଳିକ ପ୍ରତିଭା ପାଇଁ ବିଶ୍ୱମଂଚରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି ।ରେଭେନ୍ଶା ବିଶ୍ୱବିଦ୍ୟାଳୟ ଓ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍ ?ୟୁ)ର ପୂର୍ବତନ ଛାତ୍ର ନିଖିଳେଶ ଜଣେ ପୁରସ୍କୃତ ଯୁବକବି ଓ ଲେଖକ ମଧ । ୨୦୨୩ରେ ଇଫି ଗୋଆରେ ସେ '୭୫ କ୍ରିଏଟିଭ ମାଇଣ୍ଡସ ଅଫ୍ ଟୁମରୋ' ମଧରେ ସ୍ଥାନ ପାଇଥିଲେ । ଏହାସହ ୨୦୨୪ରେ ଚୀନରେ ଆୟୋଜିତ ଆନ୍ତର୍ଜାତିକ ଯୁବ କବିତା ଉତ୍ସବରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ ।ତାଙ୍କର ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ରଗୁଡ଼ିକ ଦେଶ ଓ ବିଦେଶର ବିଭିନ୍ନ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଛି । ତାଙ୍କର ସାମ୍ପ୍ରତିକ ସ୍ୱଳ୍ପଦୈର୍ଘ୍ୟ କାହାଣୀଚିତ୍ର 'ନବୀନ ସୁନ୍ଦର ଘନଶ୍ୟାମ ହେ' ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳା ଦାସକାଠିଆ ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ବର୍ତମାନ ସେ କୋଲକାତାର ପ୍ରବାସୀ ଜୀବନର ଅନୁଭୂତିକୁ ନେଇ 'ଦେୟାର୍ସ ସଲ୍ଟ ଇନ ଆୱର ଡ୍ରିମ୍ସ' ଶୀର୍ଷକ ଏକ ବ୍ୟକ୍ତିଗତ ତଥ୍ୟଚିତ୍ର ନିର୍ମାଣରେ ବ୍ୟସ୍ତ ଅଛନ୍ତି ।







# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬ ଅନୁଷ୍ଠିତ



ଖୋର୍ଦ୍ଧା(ନିପ୍ର): ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇ ଅଛି । ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଭୁବ ନେଶ୍ୱର, ଡ଼ଃ ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ମାନ୍ୟବର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଙ୍କ ପ୍ରତିନିଧି ମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ଅଧିକାରୀ ରୋଷନ ଶତପଥୀ, ପୁରୀ ସାଂସଦଙ୍କ ପ୍ରତିନିଧି ଦୀନବନ୍ଧୁ ସାହୁ, ଜଟଣୀ ବିଧାୟକଙ୍କ ପ୍ରତିନିଧି ଅମନ୍ ଅଭିଷେକ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ନିୟନ୍ତ୍ରଣ କକ୍ଷ ଖୋଲିବା, ବର୍ଷାଜଳ ପରିମାପକ କେନ୍ଦ୍ର ମରାମତି ଓ ବୃଷ୍ଟିପାତ ବିବରଣୀ ପ୍ରେରଣ, ଦୁର୍ବଳ ନଦୀ ଓ କେନାଲ ବନ୍ଧର ଯୁଗ୍ମ ତଦନ୍ତ, ଜଳସେଚନ ବିଭାଗ ପ୍ରାକ୍ ପ୍ରସ୍ତୁତି ଓ ଆର୍ଥିକ ଅନୁଦାନ ପାଇଁ ସରକାରଙ୍କୁ ସୁପାରିଶ, ବନ୍ୟା, ବାତ୍ୟା ପ୍ରବଣ ଅଂଚଳରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ଚିହ୍ନଟ, ସମ୍ଭାବ୍ୟ ବନ୍ୟା ବାତ୍ୟା ଡଙ୍ଗା ମୃତୟନ, ଟେଲିଫୋନ ସେବା, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ସେବା, ଡ୍ରେନେଜ ଗୁଡିକରୁ ପାଣି ନିଷ୍କାସନ, ଦୁର୍ଗମ ସ୍ଥାନ ମାନଙ୍କରେ ଏବଂ ବନ୍ୟା ବାତ୍ୟା ପ୍ରବଣ ଅଂଚଳରେ ଖାଦ୍ୟ ପଦାର୍ଥ ଓ ରିଲିଫ୍ ସାମଗ୍ରୀ ମହଜୁଦ କରି ରଖିବା, କୃଷି କାର୍ଯ୍ୟ ପାଇଁ ଆଗୁଆ ପଦକ୍ଷେପ, ସ୍ୱାସ୍ଥ୍ୟ ଓ ପଶୁ ଚିକିତ୍ସା ସେବା, ଏୟାର ଷ୍ଟ୍ରିପ ଚିହ୍ନଟ କରିବା ଭଳି ବିଭିନ୍ନ ପ୍ରାକ୍ ଓ ପରବର୍ତୀ ସେବା ଯୋଗାଇ ଦେବା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ଋତୁରାଜ ବନ୍ୟା ସମୟରେ ବହୁମୁଖି ଆଶ୍ରୟ ସ୍ଥଳୀ ଗୁଡିକରେ ସମସ୍ତ ସେବା ଯୋଗାଇଦେବା, ଦୁର୍ବଳ ନଦୀବନ୍ଧ ଗୁଡ଼ିକୁ ମରାମତି କରିବା, ନଦୀବନ୍ଧକୁ ଉଚା କରିବା, ବାଲିବସ୍ତା ଓ ବଲ୍ଲା ମହଜୁଦ କରି ରଖିବା, ଗ୍ରୀଷ୍ମ ବାତ୍ୟା ପ୍ରବଣ ଥିବାରୁ ଚିଲିକା ରେ ବୋଟ୍ ପଞ୍ଜିକରଣକୁ ଗୁରୁତ୍ୱ ଦେବା, ତହସିଲଦାର, ମତ୍ସ୍ୟ ବିଭାଗ ଓ ଜଙ୍ଗଲ ବିଭାଗଙ୍କ ମିଳିତ ବୋଟ୍ ଯାଂଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଜୀବନ ରକ୍ଷାକାରୀ ଜାକେଟ୍ ବ୍ୟବହାର, ଚିଲିକାକୁ ସମନ୍ୱିତ ବନ୍ୟା ବାତ୍ୟା ସୂଚନା ପ୍ରଦାନ କରିବା, ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦ ମାନଙ୍କରେ, ଭୁବନେଶ୍ୱର ମହାନଗର ନିଗମରେ ଡ୍ରେନେଜ୍ ଗୁଡିକରୁ ଜଳ ନିଷ୍କାସନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ପତ୍ର ସହ ବ୍ଲିଚିଂ, ସାପ କାମୁଡା ଇଞ୍ଜେକ୍ସନ ପର୍ଯ୍ୟାପ୍ତ ପରିମାଣର ମହଜୁଦ କରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସେହିପରି ପଶୁ ଚିକିତ୍ସା ସେବା, ଗାଈଗୋରୁ ମାନଙ୍କ ଖାଦ୍ୟ, ପଲିଥିନ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସେହିପରି ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରିତା ରେ ଯତ୍ନବାନ ହେବାକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ବିଧାୟକ ବେଗୁନିଆ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ଠିକ୍ ରଖିବା ସହ ହଡା ନଦୀର ଦୁର୍ବଳ ବନ୍ଧ ତୁଳସୀପୁର ବାଙ୍କୀ, ପତନିବର ବରାଡ଼ିହ ନଦୀବନ୍ଧ ଯୋଜନା କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଡ୍ରଗିଷ୍ଟ ଓ କେମିଷ୍ଟ ସଙ୍ଘ ଔଷଧ ଦୋକାନ ବନ୍ଦ ଡାକରା ପ୍ରଭାବ ଅନୁଭୁତ

କନ୍ଧମାଳ(ନିପ୍ର) : କନ୍ଧମାଳ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହି ଥିବା ଯୋଗୁ ଜନସାଧାରଣ ଅସୁବିଧା ର ସମ୍ମୁଖୀନ ହେଉ ଥିବା ପାରିଲକ୍ଷିତ ହେଉ ଅଛି ଖବର ନେବାରେ ଜଣା ଯାଏ ଜିଲ୍ଲାର ୪୨୭ ଗୋଟି ମଡିକାଲ ଷ୍ଟୋର ମାନ ରହିଅଛି ଅତି ଜରୁରୀ ଔଷଧ ମିଳିବା ନିମନ୍ତେ ସରକାର ସ୍ତରରେ ସୂଚନା ପ୍ରଦାନ ହୋଇଅଛି ଆବଶ୍ୟକ ସ୍ଥଳରେ ଜରୁରୀ ଔଷଧ ମିଳିବାରେ ବିଭିନ୍ନ ଔଷଧ ଦୋକାନ ତତ୍ପର ଥିବା ଦେଖିବା କୁ ମିଳୁଅଛି ଏ ହି ପରି ସ୍ଥଳରେ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କ ରେ ଡାୟବ୍ୟଟିକ କୁ ନିୟନ୍ତ୍ରାଣ କରି ବାରେ ଜି. ପି.୨ ମିଳିବାରେ ଦୀର୍ଘ ଦିନ ହେଲା ରୋଗୀ ଜୋନ୍ ଔଷଧ କେନନ୍ଦ୍ରରୁ ନିରାଶ ହୋଇ ଫ୍ୟାରୁ ଥିବା ଦେଖୀବାକୁ ମିଳୁଅଛି ଏଥି ସୋମଧ ରେ ବିଭଗୀୟ ଦାୟିତ୍ୱ ଥିବା ତଳ କର୍ମଚାରି ଠାରୁ ଉତର ମିଳୁଅଛି । ଆସୁଛି ମିଳିବ ଜିଲ୍ଲାରଏହି ଜନ ଔଷଧସଧି କେନ୍ଦ୍ର ଥିବା କର୍ମଚାରୀ ଉତର ମିଳିଥାଏ । ଏହିପରି ସ୍ଥଳରେ ଜିଲ୍ଲାର ସରକାର ସ୍ୱିକୃତି ଔଷଧ ଦୋକାନ ବନ୍ଦ ଯୋଗୁ ଅନେକ ଅନେକ ପରିମାଣ ଜମାନସ ପ୍ରଭାପଡି ଥିବା ଲକ୍ଷ୍ୟ କରାଯାଇଛି ।

# ଯୁବବର୍ଗଙ୍କ ଦକ୍ଷତା ବିକାଶ ଦିଗରେ ସିପେଟ୍ ସହ ୧.୨୬ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କଲା ଏମସିଏଲ୍

ସମ୍ବଲପୁର(ନିପ୍ର): ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍), ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଇଲେକ୍ଟ୍ରିସିଆନ୍ ଓ ଫିଟର୍ ଟ୍ରେଡ୍‌ରେ ଦୁଇ ବର୍ଷିଆ ଆବାସିକ ଆଇଟିଆଇ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଭୁବନେଶ୍ୱର ସ୍ଥିତ ସେସଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଏମସିଏଲ୍‌ର କାର୍ଯ୍ୟକାରୀ ଅଂଚଳରୁ ମନୋନୀତ ହୋଇଥିବା ୪୦ ଛାତ୍ରଛାତ୍ରୀଙ୍କୁ (ଇଲେକ୍ଟ୍ରିସିଆନ୍ ଏବଂ ଫିଟର୍ ଟ୍ରେଡ୍ ?ରେ ୨୦ ଜଣ ଲେଖାଏଁ) ସିପେଟ୍ ଠାରେ ଏକ ବ୍ୟାପକ ୨ ବର୍ଷିଆ ଆଇଟିଆଇ ପାଠ୍ୟକ୍ରମ ମାଧ୍ୟମରେ ଶିଳ୍ପ-ଉପଯୋଗୀ ବୈଷୟିକ ଦକ୍ଷତା ପ୍ରଦାନ କରାଯିବ । ଏହା ଯୁବ ମାନସ ପାଇଁ ଏକ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ଏବଂ ନିଯୁକ୍ତି ଯୋଗ୍ୟତା ସୃଷ୍ଟି କରିବ । ଏହି ଦୁଇ ବର୍ଷିଆ ଆବାସିକ କାର୍ଯ୍ୟକ୍ରମରେ ୪୦ ଜଣ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ, ଖାଦ୍ୟ, ରହଣି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବହନ କରିବା ପାଇଁ ଏମସିଏଲ୍ ନିଜର ସିଏସଆର ପାଣ୍ଠିରୁ ୧.୨୬ କୋଟି ଟଙ୍କା ପ୍ରଦାନ କରିବ । ଏମସିଏଲ୍ ?ର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସିପେଟ୍ ଠାରେ ଆଇଟିଆଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଏହା ହେଉଛି ଷଷ୍ଠ ବ୍ୟାଚ୍ । ପୂର୍ବରୁ ତିନୋଟି ବ୍ୟାଚ୍ (ଶିକ୍ଷାବର୍ଷ ୨୦୨୧-୨୩, ୨୦୨୨-୨୪, ଏବଂ ୨୦୨୩-୨୫) ସଫଳତାର ସହ ଶେଷ ହୋଇସାରିଛି ଏବଂ ଏଥିରେ ୯୭ ରୁ ଅଧିକ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି । ଅନ୍ୟପଟେ, ୨୦୨୪-୨୬ ଏବଂ ୨୦୨୫-୨୭ ଶିକ୍ଷାବର୍ଷ ପାଇଁ ଦୁଇଟି ବ୍ୟାଚ୍ ବର୍ତମାନ ଚାଲୁ ରହିଛି । ଏହି ପଦକ୍ଷେପ ସୁସଂଗଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଖଣି ଅଂଚଳଗୁଡ଼ିକରେ ସାମଗ୍ରିକ ବିକାଶ ଏବଂ ସ୍ଥାୟୀ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରିବା ପାଇଁ ଏମସିଏଲ୍‌ର ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି ।

# +୨ ବିଜ୍ଞାନ ଫଳାଫଳ -୨୦୨୬ ଶୀର୍ଷରେ ଡିଭାଇନ୍




ନୟାଗଡ଼(ନିପ୍ର): ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ୨ ବିଜ୍ଞାନ ଫଳାଫଳ ପ୍ରକାଶ ପାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ଡିଭାଇନ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଭୂତପୂର୍ବ ସଫଳତା ହାସଲ କରିଛି । ଏହି ବିଦ୍ୟାଳୟର ଛାତ୍ର ପଦ୍ମନାଭ ମେହେର ସମୁଦାୟ ୫୯୩ (୯୮.୮୩ ପ୍ରତିଶତ) ମାର୍କ ରଖି ସମଗ୍ର ଜିଲ୍ଲାରେ ଏକ ନମ୍ବର ସ୍ଥାନ ଅଧିକାର କରି ଏକ ଐତିହାସିକ ସଫଳତା ଆଣିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ । ଚଳିତ ବର୍ଷ ୨୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ, ତନ୍ମଧ୍ୟରୁ ୨୩୬ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୧୭ ଜଣ ଶତକଡା ୯୦ ପ୍ରତିଶତ ଉପରେ ମାର୍କ ରଖିଛନ୍ତି । ପ୍ରକାଶ ଥାଉକି ପ୍ରତ୍ୟେକ ବର୍ଷ ଡିଭାଇନ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏହିଭଳି ସଫଳତା ଆଣି ଚାଲିଛି । ଏଥିପାଇଁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହା ଏକ ଆକର୍ଷଣୀୟ ଓ ଐତିହାସିକ ସଫଳତା ବୋଲି ସମସ୍ତେ ମତାମତ ଦେଇଛନ୍ତି ।

# ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ, ନାରୀ ଅଧିକାର ଅଭିଯାନ




ନୂଆପଡ଼ା(ନିପ୍ର): ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ଖଡ଼ିଆଳ ନଗର ପରିକ୍ରମା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ନାରୀ ଅଧିକାର ଅଭିଯାନ କରିଛନ୍ତି । ନାରୀଙ୍କୁ ୩୩% ପ୍ରତିଶତ ସ୍ଥାନ ସଂରକ୍ଷଣ, ନାରୀ ନିର୍ଯାତନା ରୋକିବା ରେ ବିଫଳ ଏବଂ ସହ ବିଜେପି ସରକାର ବିରୋଧରେ ପ୍ରତିବାଦ ଅନୁଷ୍ଠିତ ହୋଇଅଛି । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଙ୍କ ନେତୃତ୍ୱ ରେ ମହିଳା ଏବଂ ପୁରୁଷ କର୍ମୀ ମାନେ ସାମିଲ ହୋଇଥିଲେ । ବିକ୍ଷୋଭ ସଭାରେ ବିଜେଡି ମହିଳା ସଭା ନେତ୍ରୀ ଶେଫାଳୀ ସଲାମା, ରାଜ୍ୟ ମହିଳା ଉପ ସଭାପତି ସରସ୍ୱତୀ ବାଗ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବହୁ କର୍ମୀ ଯୋଗ ଦେଇଛନ୍ତି ।

# ବ୍ଲକ କଂଗ୍ରେସ ତରଫରୁ ପ୍ରଧାନ ମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତଳିକା ଦାହ

ଉଦଳା(ନିପ୍ର) : ୨୦୨୬ ମସିହାରେ ନିଟ ପ୍ରଶ୍ନ ପତ୍ର ଲିକ ଯୋଗୁଁ ସାରା ଭାରତ ରେ ଲକ୍ଷ୍ୟ ଲକ୍ଷ୍ୟ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ସହିତ କେନ୍ଦ୍ର ସରକାର ଖେଳିବା ଯୋଗୁଁ ତାର ପ୍ରତିବାଦ ରେ ଉଦଳା ବ୍ଲକ କଂଗ୍ରେସ କମିଟି ଓ ନଗର କଂଗ୍ରେସ କମିଟି ମିଳିତ ଭାବେ ରାଜ ରାସ୍ତାକୁ ଓହ୍ଲାଇଛି । ଏକ ରାଲି କରିବା ସହିତ ବି ଯେ ପି ବିରୋଧୀ ସ୍ଲୋଗାନ ଦେଇ ବଜାର ପରିକ୍ରମା ପରେ ବାସନ୍ତୀ ମଣ୍ଡପ ଛକ ଠାରେ ପ୍ରଧାନ ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତଳିକା ଦାହ କର ଯାଇଥିଲା ।ଏଥିରେ କଂଗ୍ରେସ ଦଳର ପୂର୍ବ ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ଜିଲ୍ଲା ଆଦିବାସୀ ସେଲ ସଭାପତି ଦୁଃଖିଶ୍ୟମ ମୁର୍ମୁ, ଉଦଳା । ବ୍ଲକ ସଭାପତି ସେକ କଲମୁଦ୍ଦିନ, ଉପସଭାପତି ନାରାୟଣ ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନୀ ପଟ୍ଟନାୟକ, ଉତମ ବେହେରା, ରାମ ଚନ୍ଦ୍ର ସିଂ, ନଗର ସଭାପତି ମୟୁଖ ନାରାୟଣ ଦାସ, ଯୋଗେନ୍ଦ୍ର ବାର ଶାଳିଆ, ଗୌର ମୋହନ ସିଂ, ଆଶିଷ ବାରିକ, ବାସୁଦେବ ସିଂ, ନିର୍ମଳ ସିଂ, ରାଜେନ୍ଦ୍ର ମହାକୁଡ, ନିନି ବାବୁ ଇତ୍ୟାଦି ଯୋଗ ଦେଇଥିଲେ ।

No. 13001/553/2627

GOVERNMENT OF ODISHA
OFFICE OF THE BHADRAK MUNICIPAL COUNCIL, BHADRAK, ODISHA,
******
Notice inviting Request for Proposal
Through e-Procurement

Identification No. BM-BDK-03-2026-27
RFP Notice No. 2208 /dt. 12.05.2026

1. Name of the work : *Supplying, Installing, Testing & Commissioning of Electrical Luminaries in Parks & Cremation grounds in Bhadrak Municipality with one year AMC*
2. Date and time of availability Of bid document in the portal : From 11.00 hours of Dt.18.05.2026 to 17.00 hours of Dt.28.05.2026
3. Last date of seeking Clarification, if any :
4. Date and time of opening of bid on-line: 11.00 hours and onwards of Dt. 29.05.2026
5. Date & time of opening of the Bid :
6. Name and address of the Officer : Executive Officer, Bhadrak Municipality, Bhadrak. Inviting Bid

Further details can be seen from the e-procurement portal https://tendersorissa.gov.in".

Sd/-
Executive Officer
Bhadrak Municipality

OIPR. 13001/13152/1/26-27/0003

# ଖେଳପଡ଼ିଆ ପାଇଁ ସରକାରୀ ଜମି ମାପଚୁପ: ଘଟଣା ସ୍ଥଳରେ ଉତେଜନା

ଧାମନଗର(ନିପ୍ର) : ଧାମନଗର ବ୍ଲକ ଦୋବଲ ପଂଚାୟତ ସ୍ଥିତ ସୌକତ ଅଲ୍ଲି ଜଲାଲୁଦ୍ଦିନ (ଏସ୍‌ଏଜେ) ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରସ୍ତାବିତ ଖେଳପଡ଼ିଆ ପାଇଁ ବୁଧବାର ଜମି ଚିହ୍ନଟ ଓ ମାପଚୁପ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଥାଉକି ଏହି ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ 'ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ସାମିଲ କରାଯାଇଛି । ଗତ ଜାନୁଆରି ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସାରସ୍ୱତ ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଦୋବଲର ଏସ୍‌ଏଜେ ନୋଡାଲ ହାଇସ୍କୁଲ କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଯୋଜନା ଅଧୀନରେ ବିଦ୍ୟାଳୟର ବ୍ୟାପକ ଭିତିଭୂମି ବିକାଶ ସହ ଛାତ୍ରଛାତ୍ରୀଙ୍କ ଖେଳକୁଦ ପାଇଁ ଏକ ଆଧୁନିକ ଖେଳ ପଡ଼ିଆ ନିର୍ମାଣ କରିବାକୁ ସରକାରୀ ସ୍ତରରେ ବ୍ଲୁ-ପ୍ରିଂଟ ପ୍ରସ୍ତୁତ ହୋଇଛି । ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହେଲେ ବିଦ୍ୟାଳୟ ସମ୍ପୂର୍ଣ୍ଣ ଏକ ନୂଆ ରୂପ ନେବ । ଏଠାରେ ସମସ୍ତ ସୁବିଧା ସୁଯୋଗ ସମ୍ପନ୍ନ ନୂଆ କ୍ଲାସ ରୁମ୍ ଓ ସ୍ମାର୍ଟ ବୋର୍ଡ ରହିବ । ଏହାସହ ଆଧୁନିକ ଜ୍ଞାନକୌଶଳରେ ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍ (ଭାଷା ଗବେଷଣାଗାର) ମଧ୍ୟ ସ୍ଥାପନ କରାଯିବ । ସେହିପରି ପିଲାଙ୍କୁ ପ୍ରାଥମିକ ସ୍ତରରୁ ହିଁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ଯୁଗୋପଯୋଗୀ କରାଯିବାର ଲକ୍ଷ୍ୟ ରଖାଯାଇଛି । ତା ସହିତ ଏହି ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶାରୀରିକ ବିକାଶ ପାଇଁ ଆନୁଷଙ୍ଗିକ ସୁବିଧା ସହ ଖେଳ ପଡିଆ ନିର୍ମାଣ କରାଯିବ । ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ସ୍ୱଚ୍ଛ ପୃଥକ ଶୌଚାଳୟ ଏବଂ ଡାଇନିଙ୍ଗ ହଲ୍ ନିର୍ମିତ ହେବ । ବିଦ୍ୟାଳୟ ପରିସରକୁ ସବୁଜ ପରିବେଶରେ ପରିଣତ କରାଯିବା ସହ ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ଉଚ୍ଚକୋଟୀର ସାଂସ୍କୃତିକ ଶିକ୍ଷା ମଧ୍ୟ ପ୍ରଦାନ କରାଯିବାର ଉଦ୍ଦେଶ୍ୟ ରହିଛି । ଏହି ବୃହତ ଯୋଜନାର ପ୍ରଥମ ପରିପ୍ରେକ୍ଷୀରେ ଖେଳ ପଡ଼ିଆ ପାଇଁ ଆବଶ୍ୟକ ହେଉଥିବା ଜମି ଯୋଗାଇଦେବା ଲାଗି ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲ୍ଲା ପ୍ରଶାସନକୁ ବିଧିବଦ୍ଧ ନିବେଦନ କରିଥିଲେ । ସ୍କୁଲର ଉନ୍ନତି ଓ ସରକାରୀ ଯୋଜନାର ସଫଳ ରୂପାୟନ କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏନେଇ ଧାମନଗର ତହସିଲଦାରଙ୍କୁ ଜମି ଯୋଗାଇ ଦେବାକୁ ଜରୁରୀ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ତହସିଲଦାର ବିଦ୍ୟାଳୟ ନିକଟରେ ଥିବା ସୋଧ ରାଜସ୍ୱ ମଣ୍ଡଳର ଦୋବଲ ଗାଁର ସରକାରୀ ଜମିକୁ ସ୍କୁଲ ପାଇଁ ହସ୍ତାନ୍ତର କରିବାକୁ ନିଷ୍ପତି ନେଇଥିଲେ । ଏଥିପାଇଁ ଦୋବଲ ଗ୍ରାମର ଖାତା ନମ୍ବର ୩୮୦ର ପ୍ଲଟ ନମ୍ବର ୪୪୧ରେ ଥିବା ୯୦୦ ଡିସିମିଲ୍ ଜମି ଏବଂ ପ୍ଲଟ ନମ୍ବର ୪୪୨ର ୮.୧୦୦୦ ଡିସିମିଲ ସରକାରୀ ଜମିକୁ ଚିହ୍ନଟ କରାଯାଇଥିଲା । ଏହି ସମସ୍ୟାର ସମାଧାନ ପାଇଁ ତହସିଲଦାରଙ୍କ ପକ୍ଷରୁ ତୁରନ୍ତ ଉକ୍ତ ଜମିର ସୀମା ନିର୍ଦ୍ଧାରଣ କରି ବିଦ୍ୟାଳୟ କର୍ତୃପକ୍ଷଙ୍କୁ ଯୋଗାଇଦେବାକୁ ନିର୍ଦ୍ଦେଶ ଜାରି ହୋଇଥିଲା । ବୁଧବାର ତହସିଲଦାରଙ୍କ ସ୍ୱଷ୍ଟ ଆଦେଶନାମା ଭିତିରେ ସୋଧ ରାଜସ୍ୱ ନିରୀକ୍ଷକ ଚୁଲ ବୁଲ ସିଂହଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତି ସୁରକ୍ଷା ବଳୟ ମଧ୍ୟରେ ସରକାରୀ ଅମିନ ଘଟଣାସ୍ଥଳରେ ପହଂଚି ମାପ ଚୁପ କାର୍ଯ୍ୟ ଆରମ୍ଭ କରିଥିଲେ । ମାପଚୁପ ଠିକ୍ ହେଉନାହିଁ ବୋଲି ସ୍ଥାନୀୟ ଅଂଚଳ ର କରୁଣା କର ସାହୁ ଅଭିଯୋଗ କରିବା ବା ପରେ କିଛି ସମୟ ପାଇଁ ସେଠାରେ ଉତେଜନା ଦେଖାଦେଇ ଥିଲା । ଏଥିରେ କରୁଣା କର ସାହୁ ଆହତ ହୋଇ ଥିଲେ । ତେବେ ଏହି ଘଟଣା କୁ ନେଇ କରୁଣା କର ସାହୁ ୧୮ ଜଣ ଙ୍କ ନାମରେ ଅଭି ଯୋଗ କରୁଥିବା ବେଳେ, ଶ୍ରୀ ସାହୁ ଙ୍କ ନାମରେ ଉକ୍ତ ଅଂଚଳ ର ରାଜ କିଶୋର ଯେନା ଓ ଗ୍ରାମବାସୀ ଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ କରାଯାଇଛି । ଉକ୍ତ ବିଦ୍ୟାଳୟରେ ଉନ୍ନତି କରଣ ପାଇଁ ସୀମା ଚିହ୍ନଟ ପାଇଁ ମାପ କରା ଯାଉଛି । ପରେ ଜବରଦଖଲ ଜଣା ପଡ଼ିଲେ ସେଠାରୁ ଉଚ୍ଛେଦ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲଦାର ଜ୍ଞାନ ରଞ୍ଜନ ସାହୁ କହିଛନ୍ତି । ତେବେ ଉକ୍ତ ଘଟଣା କୁ ନେଇ ମୃଦୂ ଉତେଜନା ଥିବା ରୁ ପୋଲିସ ନଜର ରଖିବାକୁ ଅଂଚଳବାସୀ ଦାବି କରିଛନ୍ତି ।

No. 34001/224/2627


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
EASTERN CIRCLE (R&B), BALASORE
Order No. 3771 Date. 19.05.2026
Quotation Call Notice No. CCEEC-01/2026-27

The Chief Construction Engineer, Eastern Circle (R&B), Balasore, on behalf of the Governor of Odisha, invites quotations in **single cover through online mode only** from eligible reputed firms/agencies/proprietors for the work: *"Preparation and Arrangement for the Inauguration Programme of P.R.M. Teaching Hospital by Hon'ble Chief Minister, Odisha at Rangamatia, Baripada in the District of Mayurbhanj on 30.05.2026."* Interested bidders may download the quotation/tender documents from the e-Procurement portal of the Government of Odisha, i.e. https://tendersodisha.gov.in, and submit their bids through online mode only. The detailed bid documents shall be available in the above website from **10.00 A.M. of 21.05.2026 to 12.30 P.M. of 26.05.2026**. The bidders must possess a compatible **Class-II or Class-III Digital Signature Certificate (DSC)** for submission of bids through the e-Procurement system. The quotations received online shall be opened at **1.00 P.M. on 26.05.2026** in the Office of the Chief Construction Engineer, Eastern Circle (R&B), Balasore. Further details may be obtained from the e-Procurement portal www.tendersodisha.gov.in. Any **addendum/corrigendum/cancellation** relating to this quotation/tender shall be published only in the aforesaid website.

The undersigned reserves the right to **reject or cancel the tender/quotation at any stage without assigning any reason thereof.**

Sd/-
Chief Construction Engineer,
Eastern Circle (R&B), Balasore


OIPR. 34001/34026/1/26-27/0006





ଖରାପ ଲୋକଙ୍କର ହିଂସା ଆଚରଣ ଓ ଭଲ ଲୋକଙ୍କର ନୀରବତା ମନୁଷ୍ୟ ସମାଜ ପାଇଁ ସମାନ ଭାବରେ କ୍ଷତିକାରକ ।

# ଆଜିକାଲି



*ଅଅହଂକାରେଣ ମୂଢ଼ାତ୍ମା, ଗୀତାର୍ଥଂ ନୈବ ମନ୍ୟତେ*
*କୁମ୍ଭୀପାକେଷୁ ପଚ୍ୟେତ, ଯାବତ୍ କଳ୍ପକ୍ଷୟୋ ଭବେତ୍*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯେଉଁ ମୂଢ଼ମନା ବ୍ୟକ୍ତି ଗୀତାର ଅର୍ଥକୁ ମାନେ ନାହିଁ, ସେ କଳ୍ପକ୍ଷୟ ହେବା ପର୍ଯ୍ୟନ୍ତ କୁମ୍ଭୀପାକ ନରକରେ ପଡ଼ି ସିଝୁଥାଏ ।

## ରାଜ୍ୟରେ ବଢ଼ିଚାଲିଛି ଅପରାଧ

କେଉଁଠି ରାଜନୈତିକ ଏବଂ ଅନ୍ୟ କେଉଁଠି ପ୍ରେମଜନିତ ସଂପର୍କକୁ ନେଇ ଜଘନ୍ୟ ହତ୍ୟା ଓ ଆତ୍ମହତ୍ୟା ଘଟଣା ଏପ୍ରିଲ ମାସରେ ସୀମା ଟପି ଯାଇଛି । ଏହି ଜଘନ୍ୟ ଘଟଣା ରାଜ୍ୟରେ ପ୍ରମୁଖ ସ୍ଥାନ ମାନଙ୍କରେ ଘଟୁଥିବା ଦେଖାଯାଉଛି । କେଉଁଠି ଯୁବକଙ୍କୁ ରଡ଼ରେ ଆକ୍ରମଣ କରି ହତ୍ୟା କରାଯାଉଛି ତ ତାଙ୍କ ପତ୍ନୀଙ୍କୁ ମଧ୍ୟ ହତ୍ୟାର ଧମକ ଦିଆଯାଉଥିବା ଗୁରୁତର ଅଭିଯୋଗ ହେଉଛି । ଏପରିକି ଅଭିଯୁକ୍ତ ସ୍ୱାମୀ ତାଙ୍କର ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିବା ଗୁରୁତର ଅଭିଯୋଗ ହୋଇଛି । କେବଳ ପାରିବାରିକ ବିବାଦ ଯୋଗୁଁ ଏହି ଅଘଟଣ ଘଟିବା ପରେ ସବୁ ମହଲରେ ଚିନ୍ତା ଓ ଆଶଙ୍କା ପାଇବା ସ୍ୱାଭାବିକ । କେଉଁଠି ସ୍ତ୍ରୀକୁ ହତ୍ୟା କରାଯାଉଛି ତ ପୁଣି କେଉଁଠି ସ୍ୱାମୀକୁ ହତ୍ୟା କରାଯାଉଛି । ନିକଟରେ ଏକ ସୁଖୀ ପରିବାର ଯୁବ ଦମ୍ପତି ଓ ତାଙ୍କର ଏକମାତ୍ର ୧୫ ମାସର ଶିଶୁ ୩ ଜଣ ଏକ ସମୟରେ ଦଉଡ଼ିରେ ଝୁଲି ଆତ୍ମହତ୍ୟା କରିବା ସାଧାରଣରେ ମୁଖ୍ୟ ଆଲୋଚ୍ୟର ବିଷୟ ହୋଇଛି । ଏହି ଦମ୍ପତି ଅନ୍ୟ ରାଜ୍ୟରୁ ଆସି ଏଠାରେ ରୋଜଗାର କରି ଚଳୁଥିଲେ । ବୋଧହୁଏ ଅର୍ଥାଭାବ ଯୋଗୁଁ ଦମ୍ପତି ତାଙ୍କର ଶିଶୁ ସହ ଆତ୍ମହତ୍ୟାର କରିଥିବା ଆଲୋଚନା ହେଉଛି । ବିଶେଷ କରି ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଏଭଳି ଘଟଣା ଘଟୁଛି ବୋଲି ପୋଲିସ ଜାଣିବାକୁ ପାଉଛି । ଏପରିକି ସ୍ୱାମୀ ସ୍ତ୍ରୀକୁ ହତ୍ୟା କରି ବାଲିଗଦାରେ ପୋତି ଦେଇଥିବା ଅଭିଯୋଗ ପରେ ଶବକୁ ଉଦ୍ଧାର କରାଯାଇଛି । ଯଦି ଭୁବନେଶ୍ୱରରେ ଏଭଳି ଘଟଣା ବଢ଼ିବଢ଼ି ଚାଲେ ତାହାଲେ ଏହା ରାଜ୍ୟକୁ ପ୍ରଭାବିତ କରିବ ଏଥିରେ ଦ୍ୱିମତ ହେବାର ନାହିଁ । ଇତି ମଧ୍ୟରେ ୧୦୦ ଟଙ୍କାକୁ କେନ୍ଦ୍ର କରି ଜଣେ ବାଳକ ତାର ମାକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ରାଜଧାନୀ ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀ ପୋଲିସ କମିଶନରଙ୍କ ଦ୍ୱାରା ପରିଚାଳିତ ଏବଂ ଦୁଇ ସହରରେ ବହୁ ଥାନା ଓ ଫାଣ୍ଡି ରହିଛି । ଅବଶ୍ୟ ବିଭିନ୍ନ ସ୍ଥାନରେ ରାସ୍ତା ଦୁର୍ଘଟଣା ଘଟିବା ସ୍ୱାଭାବିକ । କିନ୍ତୁ ହତ୍ୟା ଓ ଆତ୍ମହତ୍ୟା ଘଟଣା ପ୍ରାୟ ପ୍ରତିଦିନ ଘଟୁଥିବାରୁ ଆମ ସବୁ ପରିବାର ମଧ୍ୟରେ ନାନା ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ । ତେଣୁ ହତ୍ୟା, ଆତ୍ମହତ୍ୟା ନୁହେଁ ଅପରାଧ ଘଟଣା ମଧ୍ୟ ଲୋକ ନଜରକୁ ଆସୁଛି । ବିଶେଷ କରି ନାବାଳକ ମାନଙ୍କୁ ଅପହରଣ କରିବା ଘଟଣା ସମସ୍ତ ପରିବାର ମଧ୍ୟରେ ଆତଙ୍କ ସୃଷ୍ଟି ହେବା ସ୍ୱାଭାବିକ । ଯଦି ପରିବାର ମଧ୍ୟରେ ଠିକ୍ ଭାବେ ବୁଝାମଣାର ଅଭାବ ରହିବ ତାହେଲେ ଏଭଳି ଅଘଟଣ ଘଟିବା ନିଶ୍ଚିତ ବୋଲି ମନସ୍ତତ୍ତ୍ୱ ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି ।

## ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ

◆ ତ୍ରିନାଥ ଓଝା



୧୯୯୧ ମସିହା ମଇ ମାସ ୨୧ ତାରିଖ ଦିନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏକ ଆତ୍ମଘାତୀ ବୋମା ବିସ୍ଫୋରଣରେ ନିହତ ହୋଇଥିଲେ । ତାମିଲନାଡୁରେ ନିର୍ବାଚନ ପ୍ରଚାର କରୁଥିବା ସମୟରେ ଏକ ସନ୍ତ୍ରାସବାଦୀ ସଂସ୍ଥା ଏଲଟିଟିଇର ଆତ୍ମଘାତୀ ଦଳ ତାଙ୍କୁ ହତ୍ୟା କରିଥିଲା । ସେହିଦିନକୁ ମନେ ରଖିବା ପାଇଁ ପ୍ରତିବର୍ଷ ମଇ ମାସ ୨୧ ତାରିଖ ଦିନ ଦେଶ ପାଇଁ ସହିଦ ହୋଇଥିବା ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ଏହି ଦିବସକୁ ବିଧିବଦ୍ଧ ଭାବେ ପାଳନ କରାଯାଉଛି । ରାଜୀବ ଗାନ୍ଧୀ ଥିଲେ ଭାରତର ଷଷ୍ଠ ପ୍ରଧାନମନ୍ତ୍ରୀ । ସେ ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ଓ ଜବାହାରଲାଲ ନେହରୁଙ୍କ ନାତି । ରାଜୀବଙ୍କ ବିବାହ ଇଟାଲୀ ନାଗରିକ ଆଂଟୋନିଆ ମାଇନୋଙ୍କ ସହ ହୋଇଥିଲା । ବିବାହ ପରେ ଆଂଟୋନିଆ ନିଜ ନାମ ବଦଳାଇ ସୋନିଆ ଗାନ୍ଧୀ ରଖିଲେ । କେମ୍ବ୍ରିଜ୍‌ରେ ପଢ଼ିବା ସମୟରେ ରାଜୀବଙ୍କ ସହ ତାଙ୍କର ଭେଟ ହୋଇଥିଲା ବୋଲି କୁହାଯାଏ । ତାଙ୍କ ପୁତ୍ର ରାହୁଲ ଓ କନ୍ୟା ପ୍ରିୟଙ୍କା ଏବେ ସକ୍ରିୟ ରାଜନୀତିରେ ଭାଗ ନେଇଛନ୍ତି । ରାଜନୀତିରେ ରାଜୀବଙ୍କର ଆଦୌ ରୁଚି ନଥିଲା । ସେ ଏକ ଏୟାରଲାଇନ୍ ପାଇଲଟ୍ ଚାକିରି କରିଥିଲେ । ୧୯୮୪ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ତାଙ୍କ ପୁତ୍ର ରାଜୀବ ବହୁ ଜନମତ ଦ୍ୱାରା ଭାରତର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଜୀବଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବୋଫର୍ସ ଦୁର୍ନୀତି ବିଷୟ ଉଠିଲା । ଏହାର ମୁଖ୍ୟ ଆସାମୀ ଥିଲା ଇଟାଲିର ଜଣେ ନାଗରିକ ଓତାଭିୟୋ କ୍ୱାତ୍ରୋଚୀ । ସେ ସୋନିଆ ଗାନ୍ଧୀଙ୍କର ମିତ୍ର ଥିଲା । ପରବର୍ତୀ ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ହେଲା । ରାଜୀବଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ପଡ଼ିଲା । ୧୯୯୧ର ସାଧାରଣ ନିର୍ବାଚନ ପ୍ରଚାର ସମୟରେ ତାମିଲନାଡୁର ଶ୍ରୀପେରମ୍ବଦୁର୍‌ରେ ଏକ ଭୟଙ୍କର ବୋମା ବିସ୍ଫୋରଣରେ ରାଜୀବ ଗାନ୍ଧୀଙ୍କର ମୃତ୍ୟୁ ହୋଇଥିଲା । ଭାରତବର୍ଷର ସାମଗ୍ରିକ ବିକାଶ ତଥା ଗଣଯୋଗାଯୋଗ କ୍ଷେତ୍ରରେ ଦେଶର ଉନ୍ନତି କରିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଅବଦାନ ଅତୁଳନୀୟ । ସେ ତାଙ୍କର ପ୍ରବୀଣ ରାଜନୀତି ତଥା କୃତି ପାଇଁ ଆମ ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, :୯୨୩୮୬୦୨୮୨୫*

## ମହାତ୍ମାଗାନ୍ଧୀଙ୍କ ଐତିହାସିକ ହରିଜନ ପଦଯାତ୍ରା ଅବସରରେ...

## ବଡ଼ଚଣା ମାଟିରେ ଅମଳିନ ଗାନ୍ଧୀ ସ୍ମୃତି...

◆ ଶୁଭେନ୍ଦୁ କୁମାର ଭୂୟାଁ

ଜାତିର ଜନକ ମହାତ୍ମାଗାନ୍ଧିଙ୍କର ଓଡ଼ିଶା ମାଟିରେ ଆରମ୍ଭ ହୋଇଥିବା ଐତିହାସିକ ହରିଜନ ପଦଯାତ୍ରାର ଅନେକ ବର୍ଷ ଇତି ମଧ୍ୟରେ ଅତିକ୍ରାନ୍ତ ହୋଇଛି । ଏହି ସ୍ମରଣୀୟ ପଦଯାତ୍ରାରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣାର ବୈରୀ, ବରୀର କାଇପଡ଼ା, କଲ୍ୟାଣପୁର, ଅନ୍ୟାସପୁର, ସାହାସପୁର, ବାଗଦା, ଯାଜପୁରର ବୁଢ଼ାଘାଟ ଓ ବୈତରଣୀତଟ ଏଥିରେ ସାମିଲ ହୋଇ ଏବେ ବି ଅତୀତ ସ୍ମୃତିକୁ ରୋମନ୍ଥନ କରୁଛି । ଗାନ୍ଧୀ ପଦରଜରେ ଧନ୍ୟ ଓଡ଼ିଶାର ଅନେକ ପୁଣ୍ୟ ପୀଠସ୍ଥଳୀ ମଧ୍ୟରୁ ଯାଜପୁର ମାଟିର ଏହିସବୁ ଅଚଂଳ ତାଙ୍କ ସ୍ମୃତିକୁ ଧରି ରଖିଥିବାବେଳେ ଜନମାନସରେ ଗାନ୍ଧୀ ସ୍ମୃତିକୁ ମନେପକାଉଛନ୍ତି ସ୍ଥାନୀୟ ଅଚଂଳବାସୀ । ୧୯୩୪ ମସିହା ମଇ ମାସ ୨୧ ତାରିଖ (ସୋମବାର) ଦିନ ଥିଲା ତତ୍କାଳୀନ ଅବିଭକ୍ତ କଟକ ତଥା ବର୍ତମାନର ଯାଜପୁର ଜିଲ୍ଲା ପାଇଁ ଗାନ୍ଧୀସ୍ମୃତିଗାଥାର ଏକ ଅବିସ୍ମରଣୀୟ ଦିନ । ପାଟଣାଠାରେ ଆୟୋଜିତ ନିଖିଳ ଭାରତ କଂଗ୍ରେସ କମିଟିର ଦୁଇଦିନିଆ ଅଧିବେଶନରେ ଯୋଗଦେଇ ମେ ୨୦ ତାରିଖ ଦିନ ଗାନ୍ଧିଜୀ ସେଠାରୁ ସିଆଲ୍‌ଦା ଏକ୍ସପ୍ରେସରେ ଚଢ଼ିଲେ । ଏହା ଥିଲା ଜାତିର ଜନକଙ୍କ ଓଡ଼ିଶାରେ ଆରମ୍ଭ ହୋଇଥିବା ହରିଜନ ପଦଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ । ମଇ ୨୧ ତାରିଖ ଭୋର ସମୟରେ ବଡ଼ଚଣା ବ୍ଲକର ଅଖ୍ୟାତ ବୈରୀ ଷ୍ଟେସନରେ ରହିଲା ଏହି ଦ୍ରୁତଗାମୀ ରେଳଗାଡ଼ିଟି । ନାଁ ଅଜଣା ବୈରୀ ଷ୍ଟେସନରେ ସିଆଲ୍‌ଦା ଏକ୍ସପ୍ରେସ ଭଳି ଟ୍ରେନ୍ କେବେ ଅଟକି ନଥିଲା, କିନ୍ତୁ କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ରେଳବାଇର ବରିଷ୍ଠ ଅଧିକାରୀଙ୍କଠାରୁ ବିଶେଷ ଅନୁମତି ଆଣିଥିବାରୁ ଗାନ୍ଧୀ ସହଯାତ୍ରୀ ଥିବା ଏହି ଏକ୍ସପ୍ରେସ ଗାଡ଼ିଟି ସେଠାରେ ଅଳ୍ପ ସମୟ ପାଇଁ ଅଟକିଥିଲା । ଗାନ୍ଧୀଙ୍କ ସହିତ ସେଦିନ ରେଳଗାଡ଼ିରୁ ଓହ୍ଲାଇଥିଲେ ମାଲକାନଜୀ ଓ ଅନ୍ୟାନ୍ୟ ବହୁ ନେତୃସ୍ଥାନୀୟ ବ୍ୟକ୍ତି । ତାଙ୍କ ଉପରେ ନ୍ୟସ୍ତ ଥିଲା ଗାନ୍ଧୀଙ୍କର ପୁରୀଠାରୁ ଭଦ୍ରକ, ବାଲେଶ୍ୱର ଯାତ୍ରାର ଆୟୋଜନ ଦାୟିତ୍ୱ । କଂଗ୍ରେସ ସାମ୍ୟବାଦୀ ଦଳର ବରିଷ୍ଠ ନେତା ବମ୍ବେର ମୀନୁ ମାସାନି ଓ ଇଂଲଣ୍ଡ ଅଧିବାସୀ ଜଣେ ବିଶିଷ୍ଟ ମହିଳା ମିସ୍ ଆଗାଥା ହାରିସନ ମଧ୍ୟ ଏହି ସହଯାତ୍ରୀ ଦଳରେ ଥିଲେ । ଷ୍ଟେସନରେ ଓହ୍ଲାଇବା ପରେ ଗାନ୍ଧିଜୀ ପ୍ରଥମେ ତଦାରଖ କରିଥିଲେ ସହଯାତ୍ରୀମାନଙ୍କର ଜିନିଷପତ୍ର ଠିକ୍‌ଠାକ ଅଛି କି ନାହିଁ । ସେଦିନ ଥିଲା ସୋମବାର-ଗାନ୍ଧିଜୀଙ୍କର ସାପ୍ତାହିକ ମୌନ ଦିବସ । ତଥାପି ଠାର ଦ୍ୱାରା ଜିନିଷପତ୍ର କାହା ଦାୟିତ୍ୱରେ ଏବଂ କେମିତି ଯିବ ସେ ତଦାରଖ କରିଥିଲେ । ଗାନ୍ଧୀଙ୍କ ଆଗମନରେ ସକାଳୁ ସକାଳୁ ବୈରୀ ଷ୍ଟେସନଟି ପ୍ରକମ୍ପିତ ହୋଇଥିଲା ତାଙ୍କ ସ୍ୱାଗତ ଧ୍ୱନିରେ । ସେହିଦିନ ଷ୍ଟେସନରେ ହିଁ ସକାଳୁଆ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ଆସିଥିବା ବଳଦ ଗାଡ଼ିରେ ଜିନିଷପତ୍ର ବୋଝେଇ ହେବା ପରେ ଚମ୍ପାପୁର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା । ବାଟରେ ପଡ଼ିଥିଲା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଛତିଆବଟ । ମହାତ୍ମାଗାନ୍ଧୀଙ୍କ ସହିତ ଯୋଗ ଦେଇଥିବା ବହୁ ବିଶିଷ୍ଟ ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସମେତ ସ୍ଥାନୀୟ ଅଂଚଳର ସଂଗ୍ରାମୀ ଓ ଗାନ୍ଧୀପ୍ରେମୀ ଜନତା ଏହି



ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସିଆଲ୍‌ଦା ଏକ୍ସପ୍ରେସଟି ଥିଲା ଏକ ବାଷ୍ପଚାଳିତ ଇଞ୍ଜିନ୍ ଓ ସେଥିରେ ୪/୫ଟି ଡବା ଥିଲା ବୋଲି ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀରୁ ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ, କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ମିଶ୍ର ହେଉଛନ୍ତି ଓଡ଼ିଶାର ପ୍ରଥମ ବ୍ୟକ୍ତି ଯାହାଙ୍କୁ କି ଗାନ୍ଧିଜୀ ସାବରମତୀ ଆଶ୍ରମରୁ ଜାଣିଥିଲେ । ଗୋବିନ୍ଦ ମିଶ୍ର ଥିଲେ ଦଶପଲ୍ଲା ଗଡ଼ଜାତ ଅଂଚଳର ଜଣେ ବିଶିଷ୍ଟ ସଂଗ୍ରାମୀ । ଇଂରେଜ ସରକାରଙ୍କର ପ୍ରାଦୁର୍ଭାବରେ ଅତିଷ୍ଠ ହୋଇ ସେ ଦଶପଲ୍ଲା ଛାଡ଼ି ପଳାଇ ଆସି କିଛିଦିନ ଶାନ୍ତିନିକେତନ ଓ ପରେ ସାବରମତୀ ଆଶ୍ରମକୁ ଚାଲି ଯାଇଥିଲେ । ତାଙ୍କର ବିଶେଷ ଅନୁରୋଧ କ୍ରମେ ମହାତ୍ମାଗାନ୍ଧୀଙ୍କର ଗସ୍ତ କାର୍ଯ୍ୟସୂଚୀ ଏହି ଆଶ୍ରମକୁ ହୋଇଥିଲା । ଗାନ୍ଧିଜୀ ଚମ୍ପାପୁର ଆଶ୍ରମରେ ପହଂଚିବା ପରେ ତାଙ୍କର ପରବର୍ତୀ ଗସ୍ତସୂଚୀର ବିବରଣୀ ପ୍ରସ୍ତୁତ ହୋଇଥିଲା । ହରିଜନ ସେବକ ସଂଘର ମାଲକାନଜୀ ଓ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଉପସ୍ଥିତିରେ ଗସ୍ତସୂଚୀର ଚିଠା ନିଜେ ତଦାରଖ କରିଥିଲେ ଗାନ୍ଧିଜୀ । ଏହି ଆଶ୍ରମର ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଗାନ୍ଧିଜୀ ଖୁସି ହୋଇଥିଲେ । ପରଦିନ ଥିଲା ମଙ୍ଗଳବାର । ଚମ୍ପାପୁର ହାଟପଡ଼ିଆ ଠାରେ ଆୟୋଜିତ ହୋଇଥିଲା ଏକ ବିଶାଳ ଜନସଭା । ଏହି ସଭାରେ ଗାନ୍ଧିଜୀ ଆଶ୍ରମ ପରିଚାଳନା ପାଇଁ କ'ଣ ଭଲମନ୍ଦ ଦିଗ ରହିଛି ସେ ସମ୍ପର୍କରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ଗାନ୍ଧୀ ଦେଇଥିବା ଉଦ୍‌ବୋଧନର ବିବରଣୀ ୧୯୩୪ ମସିହା ଅଗଷ୍ଟ ୩୧ ତାରିଖ 'ହରିଜନ' ପତ୍ରିକା ପ୍ରକାଶ ପାଇଥିଲା । ଆଶ୍ରମରେ ରହଣି ସମୟରେ ସ୍ଥାନୀୟ ଅଂଚଳର ଦୁଇଜଣ ବ୍ୟକ୍ତି ଭୀମ ନାୟକ ଓ ସାଧୁ ବାରିକ ଗାନ୍ଧୀଙ୍କର ସେବାଯତ୍ନ କରିଥିଲେ । ସାଧୁ ଗାନ୍ଧୀଙ୍କ ଦେହରେ ତେଲ ଲଗାଇ ଘଷାମୋଡ଼ା କରିଥିବା ବେଳେ ଭୀମ ତାଙ୍କ ସ୍ନାନ ପାଇଁ ପାଣି ଆଣି ଦେଇଥିଲେ । ଗାନ୍ଧିଜୀ ଏଇ ଦୁଇଜଣ ସେବକଙ୍କର ଉଚ୍ଚପ୍ରଶଂସା କରିଥିଲେ । ସେଇଭଳି ମଇ ମାସ ୨୪ ତାରିଖରେ ଗାନ୍ଧୀ ବହୁକୁଦ ଠାରେ ଥିବାବେଳେ ତାଙ୍କ କ୍ଷୌର ହେବା ଦିନ ପଡ଼ିଥିଲା । ସେଦିନ ନଖୀ ଭଣ୍ଡାରୁଣୀ ନାମକ ଜଣେ ଗ୍ରାମୀଣ ମହିଳା ଆସି ଗାନ୍ଧୀଙ୍କୁ କ୍ଷୌରକର୍ମ କରାଇଥିଲା । ନଖୀ ଓରଫ୍ ଲକ୍ଷ୍ମୀ ଥିଲା ବହୁଗ୍ରାମର ଭାଗୁ ବାରିକ ଓ ମାଧବୀ ବାରିକଙ୍କ ବାଲ୍ୟବିଭା କନ୍ୟା । ଗାନ୍ଧୀଙ୍କୁ କ୍ଷୌର କରିବାକୁ ଆସିଥିବାରୁ ସେ ଗାଁର କିଛି ମହିଳାଙ୍କ ଠାରୁ ମାଗି ଆଣିଥିବା ରୁପାର ଅଳଙ୍କାର ଓ ସୁନା ନାକଫୁଲ ପିନ୍ଧି ଆସିଥିଲା । ଗାନ୍ଧୀଙ୍କୁ କ୍ଷୌର କରିସାରି ସେ ଆଉ ଦୁଇଜଣ ଲୋକଙ୍କର ମଧ କ୍ଷୌର କରିଥିଲା । କିନ୍ତୁ ଗାନ୍ଧୀଙ୍କ ଆହ୍ୱାନରେ ସେ ମାଗି ଆଣିଥିବା ଅଳଙ୍କାର ଓ କ୍ଷୌର କରି ପାଇଥିବା ମଜୁରୀ ଆଣି ଗାନ୍ଧୀଙ୍କ ପାଦତଳେ ଥୋଇଦେଇଥିଲା । ଗାନ୍ଧୀ ଏହି ଗ୍ରାମୀଣ ମହିଳାଟିର ବହୁ ପ୍ରଶଂସା କରିଥିଲେ । ଏହାପରେ ଗାନ୍ଧିଜୀ ଲେଖନପୁର, ସତ୍ୟଭାମାପୁର, ଶିଶୁଆ, ଜିଗ୍ନୀପାଟପୁର, ନିଶ୍ଚିନ୍ତକୋଇଲି, କାକତିଆ, ସଲାର, ବାଲିଆ-ଭାଗବତପୁର, କେନ୍ଦ୍ରାପଡ଼ାର ଗରାପୁର ଓ ବାରିମୂଳ ଦେଇ ଇନ୍ଦୁପୁରଠାରେ ପହଂଚିଥିଲେ । ଏହିଠାରୁ ବାପୁଜୀଙ୍କର ଯାତ୍ରା ଆରମ୍ଭ ହୋଇଥିଲା ଯାଜପୁରର ବରୀ ଅଂଚଳକୁ । ବ୍ରାହ୍ମଣୀ ନଈର କାଇପଡ଼ା ଘାଟଠାରେ ସେ ବନ୍ଧକୁ ଉଠିଲା ବେଳକୁ ପ୍ରାୟ ୫ ହଜାର ଲୋକ ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ । ଏହାପରେ ପଡ଼ିଥିଲା କଲ୍ୟାଣପୁର ଗାଁ । କିନ୍ତୁ ଏହି ଗାଁଟି ତାଙ୍କ ପଦଯାତ୍ରା ସୂଚୀରେ ନଥିବାରୁ ଗ୍ରାମବାସୀମାନେ କଇଥା ଚମ୍ପାପୁର ଆଶ୍ରମକୁ ଯାଇ କାଇପଡ଼ାଠାରେ ଗାନ୍ଧିଜୀଙ୍କୁ ଅଭିନନ୍ଦିତ କରିବେ ବୋଲି ଅନୁମତି ଆଣିଥିଲେ । ବାପୁ ସେମାନଙ୍କୁ ମାତ୍ର ୧୦ ମିନିଟ ସମୟ ଦେଇଥିଲେ । କଲ୍ୟାଣପୁର ଗାଁରୁ ପ୍ରାୟ ୫୦୦ ମହିଳା ଏକ ଶୋଭାଯାତ୍ରାରେ ୪ ମାଇଲ ବାଟ ଚାଲିଚାଲି ଆସି କାଇପଡ଼ାଠାରେ ଅପେକ୍ଷା କରିଥିଲେ ବାପୁଙ୍କୁ । କଲ୍ୟାଣପୁରବାସୀ ତାଙ୍କ ଅଭିନନ୍ଦନପତ୍ରରେ ଅସ୍ପୃଶ୍ୟତା ସମ୍ପର୍କରେ ଯେଉଁ ବର୍ଣ୍ଣନା କରିଥିଲେ ଗାନ୍ଧୀ ତାହା ଶୁଣି ଆଶ୍ଚର୍ଯ୍ୟ ହେବା ସହିତ ଦୁଃଖିତ ବି ହୋଇଥିଲେ । ଏହି ଅଭିନନ୍ଦନପତ୍ରର ଭାଷା ତାଙ୍କୁ ଏତେ ଅବିଭୂତ କରିଥିଲା ଯେ, ସେ ଏହି 'ଆଦର୍ଶ ଅଭିନନ୍ଦନ ପତ୍ର'ଟିକୁ ତାଙ୍କର ପ୍ରସିଦ୍ଧ 'ହରିଜନ' ପତ୍ରିକାରେ ମଧ ପ୍ରକାଶିତ କରିଥିଲେ । ଗାନ୍ଧିଜୀଙ୍କର ଏହି ଐତିହାସିକ ଓ ସ୍ମରଣୀୟ ଯାତ୍ରାରେ ସାମିଲ ହୋଇଥିଲେ ଓଡ଼ିଶାର ବହୁ ବିଶିଷ୍ଟ ସଂଗ୍ରାମୀ ଯଥା- ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ବିନୋଦ କାନୁନଗୋ, ଆଚାର୍ଯ୍ୟ ହରିହର, ଗୋଦାବରୀ ଦେବୀ, ମନମୋହନ ଚୌଧୁରୀ, ରାଜକୃଷ୍ଣ ବୋଷ, ଜଗନ୍ନାଥ ଶତପଥୀ, ଶୋଭା ପଣ୍ଡା, ମାଣିକ, ତୁଳସୀଙ୍କ ଭଳି ବହୁ ବିଶିଷ୍ଟ ସଂଗ୍ରାମୀ । ସେମାନଙ୍କ ସହିତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ସଂଗ୍ରାମୀମାନେ ମଧ ଯୋଗଦେଇ ଗାନ୍ଧୀଙ୍କର ଏହି ରଚନାତ୍ମକ କାର୍ଯ୍ୟକ୍ରମର ସାରଥୀ ହୋଇଥିଲେ । ସମୟ ସୁଅରେ ଇତି ମଧ୍ୟରେ ୮୮ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଗାନ୍ଧୀଙ୍କର ସ୍ମୃତି ଓ କୀର୍ତିକୁ ବହନ କରୁଥିବା ଯାଜପୁର ମାଟିର ଏହିସବୁ ପୁଣ୍ୟ ପୀଠସ୍ଥଳୀରେ ଆଜି ତାଙ୍କର ପ୍ରତିମୂର୍ତିଗୁଡ଼ିକ ଶୋଭାପାଉଛି । ବୈରୀ ରେଳଷ୍ଟେସନ ନିକଟରେ ଗାନ୍ଧୀଙ୍କର ଏକ ଆବକ୍ଷ ପ୍ରତିମୂର୍ତି ପ୍ରତିଷ୍ଠା ହୋଇଛି । ରାଜ୍ୟ ସରକାର ବୈରୀ-ଛତିଆ-ଚମ୍ପାପୁର ରାସ୍ତାକୁ ଗାନ୍ଧୀ ସ୍ମାରକୀ ମାର୍ଗ ଭାବରେ ନାମିତ କରିଛନ୍ତି । ସ୍ଥାନୀୟ ଗାନ୍ଧୀ ସ୍ମାରକୀ ପାଠାଗାର ପକ୍ଷରୁ ପ୍ରତିବର୍ଷ ମଇ ୨୧ ତାରିଖରେ ଗାନ୍ଧୀ ସ୍ମୃତି ପଦଯାତ୍ରା ଓ ସ୍ମୃତିଚାରଣ ସଭାର ଆୟୋଜନ କରାଯାଉଛି । ବୈରୀ ରେଳଷ୍ଟେସନ ଓ କଇଥା-ଚମ୍ପାପୁର ହାଟପଡ଼ିଆଠାରେ ଗାନ୍ଧୀ ସ୍ମୃତିର ସାକ୍ଷୀ ବହନ କରୁଥିବା ଏହି ପୀଠ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ହୋଇରହିଛି ।

*(ସଦସ୍ୟ, ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର) : ୯୪୩୭୨୨୬୭୯୭*

## ଆତଙ୍କବାଦ ନିରୋଧ : ଏକ ମାନବିକ ଆହ୍ୱାନ

◆ ବିଷ୍ଣୁରଞ୍ଜନ ପାଣିଗ୍ରାହୀ, (ଆଇ.ଟି.ଏସ୍.)



ଆତଙ୍କବାଦ ଏବେ ଆମ ଦେଶରେ ଏକ ବୃହତ ସମସ୍ୟା ହୋଇ ଦଣ୍ଡାୟମାନ । ତେଣୁ ଏହି ସମ୍ପର୍କିତ ସଚେତନତା ସୃଷ୍ଟି କରିବାକୁ ଏହି ଦିବସ ପାଳନ କରାଯାଏ । ସମଗ୍ର ବିଶ୍ୱରେ ମୁଣ୍ଡ ଟେକିଥିବା ସାମ୍ପ୍ରତିକ ଆହ୍ୱାନ ଭିତରେ ଆତଙ୍କବାଦ ଏକ ପ୍ରମୁଖ ଓ ବିପଜ୍ଜନକ ସମସ୍ୟା । ଋଷ, ୟୁକ୍ରେନ, ଦକ୍ଷିଣ ଆଫ୍ରିକା, ଆମେରିକା, ଚୀନ, ଶ୍ରୀଲଙ୍କା, ସୁଦାନ, ନାଇଜେରିଆ, ଜର୍ମାନ ଏପରିକି ଆମ ଭାରତ ମଧ ଏହି ସମସ୍ୟାରୁ ବର୍ତି ପାରିନାହିଁ । ଦିନକୁ ଦିନ ସୂଚନା ପ୍ରଯୁକ୍ତିର ବୈଷୟିକ କ୍ରାନ୍ତୀର ସୁଲଭତା ଏହି ଆତଙ୍କବାଦର ପ୍ରସାରଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସମଗ୍ର ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେବା ସହ ସମ୍ପୃକ୍ତ ରାଷ୍ଟ୍ରର ପ୍ରଗତିକୁ ବାଧାପ୍ରାପ୍ତ କରି ବ୍ୟାପକ ଧନଜୀବନ ନଷ୍ଟ ବିନଷ୍ଟ କରୁଥିବା ଏହି ଭୟାନକ ସମସ୍ୟାକୁ ନେଇ ବିଶ୍ୱର ଅଧିକାଂଶ ପ୍ରଗତିଶୀଳ ରାଷ୍ଟ୍ର ମାନେ ମଧ ଏହି ସମସ୍ୟାରୁ ବର୍ତିପାରି ନାହାଁନ୍ତି । ଆତଙ୍କବାଦର ଇତିହାସ ଓ ତଥ୍ୟକୁ ଅନୁଶୀଳନ କଲେ ଜଣାଯାଏ ଯେ ଏହି ଧ୍ୱଂସପ୍ରିୟ ଆତଙ୍କବାଦୀମାନେ କୌଣସି ନିର୍ଦ୍ଦିଷ୍ଟ ଦାବୀ ବା ଆହ୍ୱାନକୁ ଗ୍ରହଣ ନକରି ନିଜସ୍ୱ ଚିନ୍ତାକୁ ସମଗ୍ର ରାଷ୍ଟ୍ର ଉପରେ ଲଦି ଦେବା ପାଇଁ ଧମକ, ଦାବୀ ଓ ଅହଂକାରର ବଢ଼ିମାକୁ ନେଇ ପରବର୍ତୀ ସମୟରେ ଯେଉଁ ଧ୍ୱଂସର ଲୀଳା ରଚନା କରିଥାନ୍ତି ସେଥିରେ ନିରୀହ ଜନତାମାନେ ହିଁ ଶିକାର ହୋଇଥାନ୍ତି । ଶହ ଶହ ଅମୂଲ୍ୟ ଜୀବନର ଦୀପ ଲିଭିଯାଏ । କୋଟି କୋଟି ଟଙ୍କାର ସମ୍ପତି ନିମିଷକ ଭିତରେ ଭୁଷୁଡ଼ି ପଡ଼ିଥାଏ । ଆଉ ଏହି ଧ୍ୱଂସର ଭୟାନକ କାୟା ସଂପୃକ୍ତ ରାଷ୍ଟ୍ରର ଆର୍ଥିକ ପ୍ରଗତିକୁ ବାଧାପ୍ରାପ୍ତ କରିବା ସହିତ ଧ୍ୱଂସଲୀଳାର ଭୟାନକ ପରିବେଶ ସମଗ୍ର ବାୟୁମଣ୍ଡଳକୁ ମାସାଧିକକାଳ ଆକ୍ରାନ୍ତ କରିଥାଏ । ବିଶ୍ୱରେ ଆତଙ୍କବାଦୀ ମାନେ ଧନଜୀବନ ସହ ଖେଳ ଖେଳିବା ଭିତରେ ସଂପ୍ରତି ସାଇବର ଅପରାଧକୁ ବାଧାପ୍ରାପ୍ତ କରି ବିଶ୍ୱର ବିଭିନ୍ନ ରାଷ୍ଟ୍ରର ମୂଲ୍ୟବାନ ସମ୍ପତିକୁ ନଷ୍ଟ କରିବା ସହିତ ସଂପୃକ୍ତ ରାଷ୍ଟ୍ରର ଜାତୀୟ ସୁରକ୍ଷା ଓ ନେଟ୍‌ୱାର୍କ ପ୍ଲେଇଂଗକୁ ଏକପ୍ରକାର ଠପ୍ କରିଦେଇଥାନ୍ତି । ଜାତୀୟ ସମ୍ପତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା ସରକାରଙ୍କ ସୂଚନା ପ୍ରଯୁକ୍ତି, ଗୃହବିଭାଗ, ଦୂରସଂଚାର ବିଭାଗ, ସ୍ୱରାଷ୍ଟ୍ର ବିଭାଗ, ବୈଜ୍ଞାନିକ ସମ୍ପର୍କିତ ତଥ୍ୟ, ସେନାବାହିନୀର ସୂଚନା ଏପରିକି ସରକାରଙ୍କ ବିଭିନ୍ନ ରାଜନୈତିକ ତଥ୍ୟାବଳୀକୁ ଚୋରାଇ ନେବା ପାଇଁ ଏହାକୁ ବିଭିନ୍ନ ସମୟରେ ହ୍ୟାକିଂ କରିଥାନ୍ତି । ଆତଙ୍କବାଦର ପୃଷ୍ଠଭୂମି କଡ଼ ଲେଉଟାଇଲେ ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏହି ଭୟାନକ ସମସ୍ୟାକୁ ନେଇ ନିଜର ଆର୍ଥିକ, ସାମାଜିକ ଓ ରାଜନୈତିକ ପ୍ରଗତିରେ ବେଶ କ୍ଷତି ସହିଛନ୍ତି । ସମଗ୍ର ବିଶ୍ୱରେ ଏହି ଆତଙ୍କବାଦର ନିରୋଧ ପାଇଁ ସବୁ ବିକଶିତ ରାଷ୍ଟ୍ରମାନେ ନିଜସ୍ୱ ଏଜେଣ୍ଡା ପ୍ରସ୍ତୁତ କରି ଏହା ବିରୁଦ୍ଧରେ ସଂଗ୍ରାମ ଜାରି ରଖିଛନ୍ତି । କିନ୍ତୁ ଏକତାର ଅଭାବରୁ ଆତଙ୍କବାଦୀମାନେ ବିଭିନ୍ନ ରାଷ୍ଟ୍ର ଭିତରେ ଏକ ପ୍ରକାର ଭୁଲବୁଝାମଣା ସୃଷ୍ଟି କରି ଧ୍ୱଂସର ଲୀଳା ଖେଳାଉଥିଲେ ବି ପରବର୍ତୀ ସମୟରେ ସେମାନଙ୍କ ମାୟା ବୁଝିଲାବେଳକୁ ନେଡ଼ୀଗୁଡ଼ କହୁଣୀକୁ ବୋହିଯାଇଥାଏ । ଏହା ବ୍ୟତୀତ ୨୧ ମେ'ରେ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ଅଟେ । ତାଙ୍କ ସ୍ମୃତିରେ ସାରା ଦେଶରେ ଏହି ଦିନକୁ ଆତଙ୍କବାଦ ନିରୋଧୀ ଦିବସ ରୂପେ ପାଳନ କରାଯାଏ । ପ୍ରକାଶ ଥାଉକି, ୧୯୯୧ ମସିହାରେ ଭାରତରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ । ତେବେ ଏହି ଦିବସ ଉପଲକ୍ଷେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପିଏସ୍‌ଉ ଏବଂ ଅନ୍ୟ ବେସରକାରୀ କାର୍ଯ୍ୟାଳୟରେ ଆତଙ୍କବାଦ ସମ୍ପର୍କିତ ବିଭିନ୍ନ ଦିଗରେ ଆଲୋଚନା କରାଯାଏ । ଲୋକଙ୍କୁ ଆତଙ୍କବାଦ ଏବଂ ହିଂସାରୁ ଦୂରରେ ରଖିବା ଏହି ଦିବସର ଲକ୍ଷ୍ୟ । ଲୋକମାନଙ୍କ ମଧ୍ୟରେ ଆତଙ୍କବାଦୀଙ୍କ ଠାରୁ ଥିବା ବିପଦ, ହିଂସା, ଏହା ଦ୍ୱାରା ପ୍ରଭାବିତ ହେଉଥିବା ଅଂଚଳ ଏବଂ ଏହାକୁ ଦୂର କରିବାକୁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇ ସଚେତନତା ସୃଷ୍ଟି କରାଯାଏ । ବିଭିନ୍ନ ସ୍କୁଲ, କଲେଜ, ୟୁନିଭରସିଟିରେ ଏହି ସମ୍ପର୍କିତ କର୍ମଶାଳା କରାଯାଏ । ବହୁ ଏନ୍‌ଜିଓ, ସାଂସ୍କୃତିକ ଅନୁଷ୍ଠାନ ଏଥିନିମନ୍ତେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥାନ୍ତି । ଆତଙ୍କବାଦର ବିଭିଷୀକା ଆମ ଜାତୀୟ ସମ୍ପତି ନଷ୍ଟ ସହ ମୂଲ୍ୟବାନ ଜୀବନ ଦୀପ ଲିଭିଯାଉଛି । ଜାତୀୟ ପ୍ରଗତି ପଛକୁ ବୁଲି ଯାଉଥିବାବେଳେ ବିଭିନ୍ନ ପ୍ରକାର ପାର୍ଶ୍ୱ ସମସ୍ୟା ଏହାପାଇଁ ମୁଣ୍ଡ ଟେକୁଛି । ଆସନ୍ତୁ ଆଜି ବିଶ୍ୱ ଆତଙ୍କବାଦ ନିରୋଧ ଦିବସ ପାଇଁ ଭାରତ ସହ ସମଗ୍ର ବିଶ୍ୱକୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭିତରେ ଦେଖିବା ପାଇଁ ନିଜର କ୍ରାନ୍ତୀପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାୟ । ଏହି କ୍ଷେତ୍ରରେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ଭୂମିକାକୁ ଅକୁଣ୍ଠ ସମର୍ଥନ ଯୋଗାଇବା ସହ ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ ପାଇଁ ସମଗ୍ର ବିଶ୍ୱରେ ଜାଗରିତ ହେଉଥିବା ଦାୟିତ୍ୱ ଓ ଭୂମିକା ସହ ନିଜକୁ ସାଥୀ କରିବା ଏହା ହିଁ ହେବ ଆତଙ୍କବାଦର ମୂଳପ୍ରାଟନ ପାଇଁ ନିଜର ଯଥାର୍ଥ ମାନବୀୟ ଦାୟିତ୍ୱବୋଧତା ।

*ମହାପ୍ରବନ୍ଧକ, ବିଏସଏନଏଲ*


## କୁହୁଡ଼ି ଲବଣ ସତ୍ୟାଗ୍ରହ

◆ ଡ଼ଃ.ଅରୁନ୍ଧତୀ ଦେବୀ

ଇଂରେଜମାନେ ଭାରତରେ ଲୁଣର ପ୍ରସ୍ତୁତି ଉପରେ କଟକଣା ଲଗାଇବା ଯୋଗୁଁ ମହାତ୍ମା ଏହାର ବିରୋଧ କରି ୧୨ ମାର୍ଚ୍ଚ ୧୯୩୦ରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ, ଯାହା ଦାଣ୍ଡୀ ଯାତ୍ରା ଭାବେ ପ୍ରସିଦ୍ଧ । ମହାତ୍ମାଙ୍କ ଅନୁସରଣ କରିଥିଲା ସମଗ୍ର ଭାରତ । ଓଡ଼ିଶାର ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ିରେ ୧୯୩୦ ମେ ୨୧ ତାରିଖରେ ଲୁଣ ମରା ଆଇନ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଭଙ୍ଗାଯାଇଥିଲା । ସେ ପ୍ରଥମେ କାକଟପୁର ଆସି ପାଟଳଦା ଗ୍ରାମର ସତ୍ୟାଗ୍ରହୀ ପୂର୍ଣ୍ଣାନନ୍ଦ ସ୍ୱାଇଁଙ୍କୁ ସାକ୍ଷାତ କରି କାର୍ଯ୍ୟସୂଚୀ ପ୍ରସ୍ତୁତ



କରିଥିଲେ । ତାହାପରେ ଓଳଙ୍ଗର ଗ୍ରାମର ଭୁବନାନନ୍ଦ ସ୍ୱାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରି, ସମସ୍ତଙ୍କର ରହିବା ଖାଇବାର ବ୍ୟବସ୍ଥା କରିଥିଲେ । ମେ ୨୧ରେ ଲବଣ ସତ୍ୟାଗ୍ରହ ଅନୁଷ୍ଠିତ ହେବାର ଖବର ଚାରିଆଡ଼େ ଖେଳିଯାଇଥିଲା । ପଣ୍ଡିତ ନୀଳକଣ୍ଠଙ୍କ ସହ ଯୋଗଦେବା ପାଇଁ ପହଂଚିଥିଲେ ଜଗନ୍ନାଥ ରଥ, ରଘୁନାଥ ମିଶ୍ର, ସତ୍ୟବାଦୀ ତ୍ରିପାଠୀ, ବୈକୁଣ୍ଠନାଥ ପ୍ରତିହାରୀ, ମାଆ ଇନ୍ଦୁମତୀ ଆଦି । ଘଟନା ଦିନ ପ୍ରଥମେ ଲୁଣ ମାରିଥିଲେ ଉତ୍କଳମଣିଙ୍କ ପ୍ରିୟ ଛାତ୍ର ମଧୁସୂଦନ ମିଶ୍ର । ଘଟନାସ୍ଥଳୀରେ ପୁଲିସ ପହଂଚି ଲୁଣ-ମରାକୁ ବେଆଇନ ଘୋଷିତ କରିବା ସହ ଅବିଶ୍ରାନ୍ତ ଲାଠିଚାଳନା କରିଥିଲା । ଫାଙ୍କା ଗୁଳି ବର୍ଷଣ ମଧ ହୋଇଥିଲା । ପ୍ରଥମେ ମଧୁ ମିଶ୍ରଙ୍କୁ ଗିରଫ କରାଯାଇଥିଲା । ଲାଠି ମାଡ଼ରେ ଜଗନ୍ନାଥ ମିଶ୍ରଙ୍କ ମେରୁଦଣ୍ଡ ହାଡ଼ ଭାଙ୍ଗିଥିଲା । ବୋଲଗଡ଼ର ସତ୍ୟାଗ୍ରହୀ ବାନାମ୍ବର ପରିଡ଼ାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତପାତ ହୋଇଥିଲା ଏବଂ ସେ ଘଟନା ସ୍ଥଳୀରେ ସହିଦ ହୋଇଥିଲେ । ସତ୍ୟାଗ୍ରହୀଙ୍କ ଉପରେ ଆକ୍ରମଣ ଓ ଗିରଫଦାରୀ ସତ୍ତ୍ୱେ ଲୋକେ ଭୟଭୀତ ନ ହୋଇ ଲୁଣମରା ଜାରିରଖିଥିଲେ ଏବଂ ସମଗ୍ର ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ ସଫଳ ହୋଇଥିଲା ।





# ବିଶ୍ୱ ସାଂସ୍କୃତିକ ବିକାଶ ଦିବସ

◆ ବିପିନ ବିହାରୀ ରାଉତ



ସାଂସ୍କୃତିକ ବିବିଧତା ଓ ଏକତାର ମହତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୧ ତାରିଖକୁ ବିଶ୍ୱ ସାଂସ୍କୃତିକ ବିକାଶ ଦିବସ ପାଳନ କରାଯାଏ । ୨୦୦୧ ମସିହା ନଭେମ୍ବର ୨ ତାରିଖରେ ପ୍ୟାରିସ୍ ଓ ଫ୍ରାନ୍ସରେ ୟୁନିସ୍କୋର ସାଧାରଣ ସମ୍ମିଳନରେ ସାଂସ୍କୃତିକ ବିବିଧତା ଘୋଷଣା କରାଗଲା । ୨୦୦୨ ମସିହା ଡିସେମ୍ବର ୨୦ରେ ଜାତିସଂଘର ସାଧାରଣ ସମାବେଶରେ ସମ୍ବାଦ ଓ ବିକାଶ ପାଇଁ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ଘୋଷଣା କରାଗଲା । ସାଂସ୍କୃତିକ ବିବିଧତାର ସୁରକ୍ଷା ଏବଂ ଆଧୁନିକ ସମାଜ ଓ ଭ୍ୟତା ମଧ୍ୟରେ ସମ୍ବାଦର ମହତ୍ୱକୁ ଅଗ୍ରାଧିକାର ଦିଆଗଲା । ୨୦୦୩ ମସିହାରେ ଏହି ଦିବସ ପ୍ରଥମେ ପାଳନ କରାଗଲା । ଏ ସମ୍ପର୍କିତ ଦିଗକୁ ନେଇ ସରକାରୀ, ବେସରକାରୀ ସଂଗଠନ ଏବଂ ଲୋକଙ୍କ ଦ୍ୱାରା ଏହି ଦିନ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଯଥାର୍ଥରେ କୁହାଯାଏ ଜଣଙ୍କ ପାଇଁ ସଂସ୍କୃତି ହେଉଛି ମୂଳଭିତି ଓ ସବୁକିଛି । ସେମିନାର, ଶିଶୁ ଓ ଯୁବପିଢ଼ିଙ୍କ ପାଇଁ ଶୈକ୍ଷିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୁଏ । ସାଂସ୍କୃତିକ ମୂଲ୍ୟବୋଧ ଓ ତାର ସଂରକ୍ଷଣ ଦିଗରେ ଏ କାର୍ଯ୍ୟକ୍ରମଗୁଡ଼ିକର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଦେଶ, ଗୋଟିଏ ଜାତି ସର୍ବୋପରି ଗୋଟିଏ ସମାଜ ପାଇଁ ସଂସ୍କୃତିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ । ଆଜିର ବ୍ୟସ୍ତବହୁଳ ଓ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଗହଳି ଭିତରେ ସାଂସ୍କୃତିକ ବିବିଧତା ଦିନକୁ ଦିନ କମିଗଲା ପରି କେହି କେହି ଅନୁଭବ କରୁଛନ୍ତି । ସମାଜ, ସଭ୍ୟତା, ସଂସ୍କୃତି ହେଉଛି ଏକ ମହାନ ଜାତିର ଉଚ୍ଚ ବିଚାରଧାରା ଓ ଚେତନା । ସଂସ୍କୃତିର ବିକାଶର ଓ ଏକତାର ମଜଭୁତ ମହତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ ହେଲେ ଆଜି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପ୍ରତିପାଦିତ ହେବ । ସମଗ୍ର ବିଶ୍ୱ ଆଜି ବିକାଶର ଧାରାରେ ଆଗଉଛି ନିଶ୍ଚୟ । ଏ କ୍ଷେତ୍ରରେ ଭାରତ ଏକ ଦୂରଦୃଷ୍ଟି ସମ୍ପନ୍ନ, ଅଭିବୃଦ୍ଧି ଓ ଆଧ୍ୟାତ୍ମିକ ମହାନ ସଂସ୍କୃତିର ରାଷ୍ଟ୍ର ଭାବେ ଅନ୍ୟମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଛି । ଆସନ୍ତୁ ଆଜିପରି ଏକ ଅବିସ୍ମରଣୀୟ ଦିବସରେ ସଂସ୍କୃତିର ଏକତ୍ୱ ଓ ବ୍ୟକ୍ତିଗତ ଜୀବନରେ ଏହାକୁ ଭଲ ପାଇବା ସହ ଆଗେଇ ନେବା ପାଇଁ ଏହାର ମହାମନ୍ତ୍ରକୁ ଜୀବନ ଧର୍ମରେ ସଫଳ ରୂପାୟନ କଲେ ଏହାର ପ୍ରାସଙ୍ଗିକତା ଯଥାର୍ଥ ପ୍ରତିପାଦିତ ହେବ ।

*ଶ୍ରୀବିହାର କଲୋନୀ, କଟକ: ୯୪୩୭୬୬୬୪୫୩*

# ସନ୍ଥ କବି ଭୀମଭୋଇ

◆ ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସ୍.ବି.)



ଜନ୍ମ ଜୟନ୍ତୀ ଉପଲକ୍ଷେ

ଭୀମଭୋଇ (୧୮୪୬-୧୮୯୫) ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି । ଏକଧାରରେ ସେ ଥିଲେ କବି, ପଣ୍ଡିତ, ତତ୍ତ୍ୱଦର୍ଶୀ, କର୍ମଯୋଗୀ, ସଂସ୍କାରକ, ବିପ୍ଳବୀ, ଧର୍ମଯାଜକ, ମାନବବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ମୂର୍ତ୍ତିମନ୍ତ ପ୍ରତୀକ । ତତ୍କାଳୀନ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ରାହ୍ମଣାଧିପତ୍ୟ କବଳରୁ ସମାଜକୁ ମୁକ୍ତ କରିବା ପାଇଁ ସେ ଥିଲେ ଅଙ୍ଗୀକାରବଦ୍ଧ । ଭୀମଭୋଇ ପ୍ରଥମେ କବି, ଦ୍ୱିତୀୟରେ ସାଧକ-ସଂସ୍କାରକ-ଧର୍ମଯାଜକ, ତୃତୀୟରେ ଗୃହସ୍ଥ ଏବଂ ଚତୁର୍ଥରେ ସନ୍ଥ-ସାଧକ-ବିପ୍ଳବୀ-ବୈରାଗୀ । ସେ ଆଦୌ ଅନ୍ଧ ନଥିଲେ, ବାଲ୍ୟ କାଳରେ କି କିଶୋର ଅବସ୍ଥାରେ ବା ଯୌବନାବସ୍ଥାରେ ଅଥବା ଜୀବନର ଶେଷ ଭାଗରେ । ସେ ବଂଚିଥିଲେ ମାତ୍ର ପଚାଶ ବର୍ଷ । ଏହି ସମୟ ମଧ୍ୟରେ ରଚନା କରିଥିଲେ ୧୩୨ ଖଣ୍ଡ ପୁସ୍ତକ । ସବୁଯାକ ଥିଲା, ତାଙ୍କର କଣ୍ଠସ୍ଥ । ଯେତେବେଳେ ଯେଉଁ ପୁସ୍ତକର, ଯେଉଁ ଅଧ୍ୟାୟର, ଯେଉଁ ପଦକୁ ବୋଲିବା ପାଇଁ କହିଲେ, ସେ ତତ୍କ୍ଷଣାତ ଗାଇ ଦେଉଥିଲେ । ଏହା ଥିଲା ଭୀମଭୋଇଙ୍କର ବୈଶିଷ୍ଟ୍ୟ । ତାଙ୍କ ରଚିତ ସ୍ତୁତି ଚିନ୍ତାମଣିକୁ ମହିମା ଧର୍ମର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ୧୮୬୨ରେ ସେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ସାନ୍ନିଧ୍ୟ ଲାଭ ସହ ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ । ସେତେବେଳେ ତାଙ୍କୁ ଷୋହଳ ବର୍ଷ । ତାହା ପରେ ତାଙ୍କୁ ଦିବ୍ୟ-ଜ୍ଞାନ ପ୍ରାପ୍ତ ହୋଇଥିଲା ଏବଂ ସେ ରାଶି ରାଶି ପୁସ୍ତକ ରଚନା ଏବଂ ମହିମା ଧର୍ମର ପ୍ରଚାର ପ୍ରସାର କରିଚାଲିଥିଲେ । ଭୀମଭୋଇଙ୍କ ପିତାମାତାଙ୍କ ପରିଚୟ ଅଜଣା ହୋଇରହିଛି । ଜଟାସିଙ୍ଗ (ଏବର ସୋନପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁରରେ) ଗାଁର ସନ୍ତାନହୀନ କନ୍ଧ ଦଂପତି ଗୁରୁବାରୀ ଓ ଦନାଇ ଭୋଇ ଗାଁ ମୁଣ୍ଡ ପୋଖରୀ ହୁଡ଼ା ନିକଟସ୍ଥ ତାଳବଣରୁ ତାଙ୍କୁ ପାଇ ଲାଳନପାଳନ କରିଥିଲେ । ମେ ୨୧ ତାରିଖ ତାଙ୍କର ପୂଣ୍ୟପାବନ ଜନ୍ମ ଦିବସ ।

*ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର: ୯୪୩୭୨୫୭୧୨୩*

# ଓଷ୍ଟା କାର୍ଯ୍ୟାଳୟରେ ନୂତନ ଲିଫ୍ଟ ଉଦ୍‌ଘାଟିତ

କଟକ : ନୟାସଡ଼କ, କଟକ ସ୍ଥିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ରାଜ୍ୟ କାର୍ଯ୍ୟାଳୟ ପରିସରରେ ନୂତନ ଲିଫ୍ଟର ଶୁଭ ଉଦ୍‌ଘାଟନ ହୋଇଯାଇଛି । ସାଧାରଣ ସମ୍ପାଦକ ରନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା (ବୋର୍ଡ଼)ର ସଭାପତି ଶ୍ରୀଯୁକ୍ତ ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଓ ତାଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଥିଲା । ବୋର୍ଡ଼ର ଏକାଡେମିକ୍ ଅଧିକାରୀ ସୁଶାନ୍ତ କୁମାର ମହାପାତ୍ର ଅନ୍ୟତମ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହା ସହିତ ରୀତିନୀତି ଅନୁସାରେ ପୂଜାପାଠ ଓ ହୋମଯଜ୍ଞ କରାଯାଇ ଲିଫ୍ଟର ଶୁଭାରମ୍ଭ କରାଯାଇଥିଲା । ଓଷ୍ଟାର ବିଭିନ୍ନ



କାର୍ଯ୍ୟକ୍ରମରେ ଯୋଗଦେଉଥିବା ଅତିଥିଗଣ ଓ ସଂଘର କର୍ମକର୍ତାଙ୍କ ମାନଙ୍କର ସୁ-ଆଗମନ ନିମନ୍ତେ ଏହି ଲିଫ୍ଟ ଅତ୍ୟନ୍ତ ଆରାମ ଦାୟକ ରହିବ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତରାଇ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଓଷ୍ଟା ପ୍ରାକ୍ତନ ଶିକ୍ଷକ ନେତୃତ୍ୱବୃନ୍ଦ ସର୍ବଶ୍ରୀ ବିବେକାନନ୍ଦ ଦାଶ, ପ୍ରଫୁଲ୍ଲ କୁମାର ମହାନ୍ତି, ଧନୟ କେଶରୀ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଲିଫ୍ଟ ତଳ ମହଲା ଠାରୁ ଆରମ୍ଭ କରି ତୃତୀୟ ମହଲା ପର୍ଯ୍ୟନ୍ତ ଗତିଶୀଳ ରହିବ ବୋଲି ସାଧାରଣ ସଂପାଦକ ଶ୍ରୀ ଦାଶ କହିଛନ୍ତି । ଓଷ୍ଟାରେ ହେଉଥିବା ରାଜ୍ୟସ୍ତରୀୟ ଶିଶୁମେଳା, ଶିକ୍ଷକ ସମାବେଶ, ବ୍ଲକ କନଭେନ୍‌ସନ, ମହିଳା ଶିକ୍ଷକ ସମାବେଶ, ରକ୍ତଦାନ ଶିବିର, ଓଷ୍ଟା ମେଧା ଅନ୍ୱେଷଣ ସମ୍ବର୍ଦ୍ଧନା ସଭା ଆଦି ବହୁ କାର୍ଯ୍ୟକ୍ରମ ପାଇଁ ତୃତୀୟ ମହଲାରେ ରହିଥିବା ଅଡ଼ିଟୋରିୟମ୍‌କୁ ଯିବା ଆସିବା ନିମନ୍ତେ ଏହି ଲିଫ୍ଟ ବିଶେଷ ଭାବରେ ସହାୟକ ହେବ । ଏହା ସହିତ ଅବସରପ୍ରାପ୍ତ ବୟୋଜ୍ୟେଷ୍ଠ ଶିକ୍ଷକ ମାନଙ୍କ ଯିବା ଆସିବା ନିମନ୍ତେ ଏହା ଆରାମଦାୟକ ହୋଇ ପାରିବ । ସମଗ୍ର ରାଜ୍ୟରୁ ବିଭିନ୍ନ ସମୟରେ ଆସୁଥିବା ସମସ୍ତ ଶିକ୍ଷକମାନଙ୍କର ଓଷ୍ଟାରେ ରହିବା ସମୟରେ ତଳୁ ଉପରକୁ ଯିବା ଆସିବାରେ ଏହା ସହାୟକ ହେବ ବୋଲି ଅନେକ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ଅରୁଣ କୁମାର ବଳ, ଆଶୁତୋଷ ରଥ, ପ୍ରଣବ କୁମାର ଜେନା, ପ୍ରଦୀପ୍ତ କୁମାର ପ୍ରଧାନ, ନାରାୟଣ ଚନ୍ଦ୍ର ବାରିକ, ସୟ କୁମାର ସିଂହ, ରବୀନ୍ଦ୍ର କୁମାର ଯୋଶୀଙ୍କ ସମେତ ବହୁ ଶିକ୍ଷାବିତ୍, ବିଭାଗୀୟ ଯନ୍ତ୍ରୀ ଓ ଓଷ୍ଟାର କର୍ମଚାରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସୁନନ୍ଦନ ମେଧା ବୃତି ସମ୍ମାନ ସମାରୋହ ଅନୁଷ୍ଠିତ

ବାରିପଦା : ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ‘ ସୁନନ୍ଦନ ମେଧା ବୃତି ସମ୍ମାନ - ୨୦୨୬ ‘ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ୧୯୭୫ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଂଗତ ପୁତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ବା ଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥାଏ ଓ ଚଳିତ ବର୍ଷ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ସରସ୍ୱତୀ ବିଦ୍ୟାବିହାରର ଛାତ୍ର ପାର୍ଥସାରଥି ମହାନ୍ତ ରାଜ୍ୟରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି



ଓ ତାଙ୍କୁ ଉପଢୌକନ, ଫଳକ, କଲର କିଟ ଓ ସମ୍ବର୍ଦ୍ଧନା ପତ୍ର, ସହ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ତତସହିତ ପରିବାର ତରଫରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣନନ୍ଦ ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ପୁରସ୍କାର ବିତରଣ କରିବା ସହ ବର୍ଷତମାମ ପରିବାର ଦ୍ୱାରା ଆୟୋଜିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅରୁଣ ପାତ୍ର, ସଦସ୍ୟ ସୌରବିହାରୀ ଦାସ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ସନ୍ତୋଷ ଗୋପ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, ଚାରୁ ଚନ୍ଦ୍ର ଦାସ, କାମିନୀକାନ୍ତ ମାଲାକାର, ସଂଜୀବ ପଟ୍ଟନାୟକ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଶାନ୍ତନୁ ଦାସ, ରାମ ନାଏକ, ଅନିଲ ପଣ୍ଡା, ବଳରାମ ଭଦ୍ର, ରାଜୀବ ପାତ୍ର ଓ ସମାଜସେବୀ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ସୋମନାଥ ସିଂହ ମଂଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅରୁଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଅବସରରେ କାଉନସିଲର ସୁକେସିନୀ ସେଠି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହାନ୍ତ, ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ନରସିଂହ ବାରିକ, ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।

# ଜନଭାଗୀଦାରୀ ଅଭିଯାନରେ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ



କଟକ: (ନି. ପ୍ର.) ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା "ଜନ ଭାଗୀଦାରୀ – ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ" ଅଭିଯାନ ଅନ୍ତର୍ଗତ ଆଜି କଟକ ଜିଲ୍ଲାର ଆଠଗଡ଼, ବାରଙ୍ଗ ଓ ବଡମ୍ବା ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ନିକଟସ୍ଥ ଡାକ୍ତରଖାନାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହା ସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଂଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ଦୁର୍ଗମ ଅଂଚଳର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଂଚାଇବା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାନୀୟ ଲୋକମାନେ ଏହି ସ୍ୱାସ୍ଥ୍ୟ ଶିବିରରୁ ଉପକୃତ ହୋଇଥିବା ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟ, ଏହି ଅଭିଯାନ ଅଧୀନରେ କଟକ ଜିଲ୍ଲାରେ ଚିହ୍ନିତ ୨୧ଟି ଜନଜାତି ବହୁଳ ଗ୍ରାମରେ ୧୮.୦୫.୨୦୨୬ ରିଖ ଠାରୁ ୨୫.୦୫.୨୦୨୬ ରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ମଇ ୨୧-୨୨ରେ ଅନୁଷ୍ଠିତ ହେବ ପେନସନ ଅଦାଲତ

ଜୟପୁର : (ହି.ସ.)- ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରିର ପେନସନ ସମ୍ବନ୍ଧୀୟ ଆପତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ ଠାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସମେତ ଡେପୁଟି କଲେକ୍ଟର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । କୋରାପୁଟ ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲ୍ଲାରେ ପେନସନ ଅଦାଲତ ଅନୁଷ୍ଠିତ ହେବ । ମେ ୨୧ ରେ ସାଧାରଣ କର୍ମଚାରୀଙ୍କ ଓ ନିମନ୍ତେ ମେ ୨୨ ରେ ପୋଲିସ କର୍ମଚାରୀଙ୍କ ପାଇଁ ପୂର୍ବାହ୍ନ ୯ଟା ଠାରୁ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ପେନସନ ସମ୍ବନ୍ଧୀୟ ଅଭିଯୋଗ ଥିବା ଅବସରପ୍ରାପ୍ତ କର୍ମଚାରୀ/ଉତରାଧିକାରୀମାନେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ।

# ଜଳେଶ୍ୱର ଯୁବ ମଂଚ ପକ୍ଷରୁ ରକ୍ତଦାନ ଶିବିର : ୧୦୧ ୟୁନିଟ୍ ସଂଗୃହିତ

ଜଳେଶ୍ୱର : (ନିପ୍ର) ଜଳେଶ୍ୱରର ଯୁବମଂଚ ପକ୍ଷରୁ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସତ୍ୟନାରାୟଣ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଶିବିରକୁ ତହସିଲଦାର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁପଦ ମହାନ୍ତି, ଚିନ୍ମୟ କୁମାର ଦାସ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ଓ ରୋଟାରୀ କ୍ଲବର ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇ



ଥିବା ବେଳେ ଏଥିରେ ମୋଟ ୧୦୧ ୟୁନିଟ ରକ୍ତ ସଂଗୃହିତ ହୋଇ ଥିଲା । ମଂଚର ସଭାପତି ବିନୋଦ କୁମାର ସାହୁ, ସଂପାଦକ ସାର୍ଥକ ସାହୁ, କୋଷାଧ୍ୟକ୍ଷ ମୁଳଚାନ୍ଦ ଲାଢାଙ୍କ ସହିତ ପ୍ରଶାନ୍ତ ପ୍ରଧାନ,ରାଜେଶ ଠକ୍କର, ଗୋପାଳ କଟାଲ, ତାପସ ପାଣିଗ୍ରାହୀ, ସୁନିତା ରାଠି, ଆଦ୍ୟାନାରାୟଣ ପାତ୍ର, ହେମେନ୍ଦ୍ର ଠକ୍କର, ଅବୁଶ ସାହୁ, ଅରୁପ କର, ଗୁନୁ ଦାସମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ଭଣ୍ଡାରିପଖୋରୀ ବ୍ଲକ ତେଶିଙ୍ଗା ଗ୍ରାମ ପଂଚାୟତ ଠାରେ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବା ସ୍ଥାପନ ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନଗତ ସେବା, ପ୍ରାଧୂକରଣ ଆଇନ, ୧୯୮୭ ର ଅଧୀନରେ ଯୋଜନାର ଲାଭ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧୂକରଣର ସଚିବ ପୁଣ୍ୟଶ୍ଲୋକ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧୂକାରୀ, ଗ୍ରାମ ପଂଚାୟତ କାର୍ଯ୍ୟକାରୀ ଅଧୂକାରୀ, ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ୩ ଜଣ ଅକ୍ଷମ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧୂକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଫୁଲବାଣୀରେ ମା’ ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ଶେଷ ନଗର ଭ୍ରମଣ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲାର ଐତିହାସିକ ଯାତ୍ରା ଶ୍ରୀ ମା ନାରାୟଣୀଙ୍କ ସମେତ ପଂଚ ଦେବୀ ପଂଚଠାକୁରାଣୀ ଏବଂ ଏହିମାନଙ୍କ ସୁରକ୍ଷାରେ ମା କାଳୀଙ୍କ ଯାତ୍ରାର ଶେଷ ନଗରଭ୍ରମଣ ହେବ । ଯାତ୍ରାର ନଗର ଭ୍ରମଣ ଦିନ ନିର୍ଦ୍ଧାରଣ ଅନୁସାରେ, ଆଜି ଫୁଲବାଣୀ ଚାଇନା ବଜାରକୁ ଯାଇ ସେଠାରେ ଦେବୀ ମାନେ ପୂଜାର୍ଚ୍ଚନା ଗ୍ରହଣ କରି ନିଜ ଅସ୍ଥାୟୀ ମଣ୍ଡପକୁ ଫେରିବେ । ଆସନ୍ତା କାଲି ଯାତ୍ରାର ଶେଷ ଦିବସ ପରମ୍ପରା ଅନୁସାରେ କାଲି ପଂଚ ଦେବୀ ପଂଚ ଠାକୁରାଣୀ ନିଜ ନିଜ ମନ୍ଦିରକୁ ବାହୁଡ଼ିବେ । ଦୀର୍ଘ ଏକ ମାସ ଧରି ଚାଲିଥିବା ଏହି ଯାତ୍ରାର ଶେଷ ହେବ । ଦୀର୍ଘ ଏକ ମାସର ଯାତ୍ରା ସମାପନ କରି ପଂଚ ଠାକୁରାଣୀ ଏବଂ ମା ଦକ୍ଷିଣକାଳୀ ପ୍ରତ୍ୟାଗମନ କରିବେ ସ୍ୱ ମନ୍ଦିର । ପଂଚ ଠାକୁରାଣୀ ଗମ୍ଭୀରାରୁ ବାହାରି ଶ୍ରୀରାମ ନଗର ରାସ୍ତା ଦେଇ ମୁଖ୍ୟ ରାସ୍ତାକୁ ଯିବେ । ସେଠାରୁ ଡାହାଣ ପଟ ମୁଖ୍ୟ ରାସ୍ତାରେ ପି ଏଚ ଡି ଛକରୁ ଡାହାଣ ପଟ ରାସ୍ତାରେ ସର୍ବମଙ୍ଗଳା ପ୍ରେସକୁ ବାଟ ପୂଜା ପାଇଁ ଯିବେ । ସେଠାରୁ ବାମ ପଟ ରାସ୍ତାରେ ଶଙ୍କର ପାଣିଗ୍ରାହୀ ଘର ଛକ ଦେଇ ଚାଇନା ବଜାରକୁ ପରିଚାଳନା ପୂଜା ପାଇଁ ଯିବେ । ସେଠାରୁ ଫେରି ପାଣ୍ଡେ କଲୋନୀ ରାସ୍ତାରେ ଫୁଲବାଣୀ ସାହି ବରାଳ ଦ୍ୱୋ ମନ୍ଦିରକୁ ପୂଜା ପାଇଁ ଯିବେ । ସେଠାରେ ପୂଜା ସାରି ପଟାବାଲି ସାହି ଛକରୁ ବାମ ପଟ ମୁଖ୍ୟ ରାସ୍ତାରେ ଆସି ଲକ୍ଷ୍ମୀ ମାର୍କେଟ ରାସ୍ତା ଦେଇ ଗମ୍ଭୀରାକୁ ବିଜେ କରିବେ । ସମଗ୍ର ଫୁଲବାଣୀ ସହର ମୁଖ୍ୟ ରାସ୍ତା ଆଲୋକ ମାଳାରେ ସଜ୍ଜିତ ହୋଇଛି । ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାର ଅନୁମାନ କରାଯାଉଛି । ଅନ୍ୟପଟେ ମିନକ୍ଷବଜାର, ଅପେରା ଓ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମର ମେଲୋଡି ହେଉ ଥିବାରୁ ଅଧିକ ଜନସମାଗମର ସମ୍ଭାବନା ରହିଛି । ଏ ଦୃଷ୍ଟିରୁ ପୋଲିସ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ମୂଳାସର କେନାଲରୁ ବ୍ୟକ୍ତିଙ୍କ ଶବ ଉଦ୍ଧାର

ଜୟପୁର : (ହି.ସ.) – ଜୟପୁର ସଦର ଥାନା ଅନ୍ତର୍ଗତ ମୁଳାସର କେନାଲରୁ ଜଣେ ବ୍ୟକ୍ତି ଶବ ଉଦ୍ଧାର ହୋଇଛି । ମୃତକ ଜଣକ ହେଲେ ଟି. ସୁରେନ୍ଦ୍ର । କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଜୟପୁର ସଦର ପୋଲିସ ଓ ଅଗ୍ନିଶମ ବିଭାଗକୁ ସୁଚନା ଦେଇଥିଲେ । ସୁଚନା ଆଧାରରେ ଅଗ୍ନିଶମ ବିଭାଗ ଓ ପୋଲିସ ପହଂଚିଥିଲେ । ଅଗ୍ନିଶମ ବିଭାଗ ଶବ କୁ କେନାଲରୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ । ସୁଚନା ଅନୁଯାଇ ଜୟପୁର ସହର ଢେପଗୁଡା ରେ ରହୁଥିବାଟି ସୁରେନ୍ଦ୍ର ରହୁଥିଲେ । ଗତ ୧୫ ତାରିଖ ଠାରୁ ସେ ନିଖୋଜ ଥିଲେ । ବହୁ ଖୋଜା ଖୋଜି କରିବା ପରେ କିଛି ସୂଚନା ନେମିଳିବାରୁ ଜୟପୁର ଟାଉନ ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ଆଜି ମୁଳାସୁର ବ୍ରିଜ ନିକଟରେ ଭାଷୁ ଥିବା ସୁଚନା ପାଇ ଥିବା ତାଙ୍କ ପରିବାର ସୁଚନା ପାଇବା ପରେ ଘଟଣା ସ୍ଥଳରେ ପହଂଚି ଚିହ୍ନଟ କରିଥିଲେ । ଏନେଇ ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।





# ଏ ପି ଜେ ଅବଦୁଲ କଲାମ ହାୟାର ସେକେଣ୍ଡାରୀ ବିଦ୍ୟାଳୟର ପିଲାଙ୍କ ଭବିଷ୍ୟତ ଏବଂ ଆଇନଗତ ଦିଗକୁ ନେଇ ପ୍ରଶ୍ନ

ବେତନଟୀ(ନିପ୍ର): ରାଜ୍ୟରେ ସରକାରୀ ବିଦ୍ୟାଳୟ ଗୁଡିକ ଆଶାନୁରୂପ ବୃଦ୍ଧି ପାଉନଥିବା ବେଳେ ଘରୋଇ ବିଦ୍ୟାଳୟ ଗୁଡିକ ଦିନକୁ ଦିନ ବୃଦ୍ଧି ପାଇବେରେ ଲାଗିଛି । ବିଗତ କିଛି ବର୍ଷ ହେବ +୨ ମହାବିଦ୍ୟାଳୟ ଗୁଡିକୁ ରାଜ୍ୟସରକାର ଉଚ୍ଚ ଶିକ୍ଷା ବିଭାଗ ଠାରୁ ଅଲଗା କରି ହାୟାର ସେକେଣ୍ଡାରୀ ବିଦ୍ୟାଳୟ ର ନାମ ରଖାଯିବା ସହ ସରକାରଙ୍କ ଗଣ ଶିକ୍ଷା ବିଭାଗ ଅଧିନ ରେ ରଖାଯାଇଅଛି । ଫଳରେ ଏହି ବିଦ୍ୟାଳୟ ଗୁଡିକ ପୂର୍ବ ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଶିକ୍ଷା ମାଫିଆ ମାନେ ଶିକ୍ଷାକୁ ବ୍ୟବସାୟ କରିବା ଆଳରେ ବଡ଼ ବର୍ଦ୍ଧିଜ୍ଞାପନ ମିଛ ପ୍ରତିଶୃତି ଚକା ଚକ ୱେବସାଇଟ ଦେଖାଇ ଅଭିଭାବକ ମାନଙ୍କୁ ପ୍ରଲ୍ଲଭୀତ କରି ଆର୍ଥିକ ଶୋଷଣ କରୁଛନ୍ତି । ଏହି ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ର ମାନଙ୍କ ଭବିଷ୍ୟତ ଓ ଆଇନ ଗତ ଦିଗକୁ ନେଇ ପ୍ରଶ୍ନ ଉଠୁଥିବାର ଦେଖିବାକୁ ମିଳିଛି । ଏହି ଭଳି ଏକ ବିଦ୍ୟାଳୟ ରହିଛି ମୟୁରଭଞ୍ଜ ଜିଲ୍ଲା ବେତନଟୀ ର ଏ ପି ଜେ ଅବଦୁଲ କଲାମ ହାୟାର ସେକେଣ୍ଡାରୀ ବିଦ୍ୟାଳୟ । ଏହି ବିଦ୍ୟାଳୟ ରେ




୨୦୨୪/୨୫ ପାଇଁ ପ୍ରଥମ ବର୍ଷ ଛାତ୍ରୀଛାତ୍ର ମାନଙ୍କୁ ଏଡମିସନ କରି ପାଠପଢ଼ା ଚାଲୁ ରହିଛି । ଚଳିତ ବର୍ଷ ଅଭିଭାବକ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପିଲାମାନଙ୍କୁ ଏଡମିସନ ପାଇଁ ପ୍ରଲୋଭୀତ କରାଯଉଛି । ଏହି ଭଳି ବିଦ୍ୟାଳୟ ର ଅନୁମତି ପାଇଁ ଷ୍ଟାଫ୍ ପୋଜିସନ, ଆର୍ଥିକ ସ୍ଥିତି, ସୋସାଇଟି ରେଜିଷ୍ଟ୍ରେସନ, ଜମି ସମ୍ବନ୍ଧିୟ ତଥ୍ୟ, ଫାୟାର ସେଫଟି, ବିଲଡିଂ ଯା଼ ରିପୋର୍ଟ ଓ ଇନ୍ସପେକିଙ୍ଗ ଅଫିସର ଙ୍କ ସୁପାରିଶ ରହିବା ଆବଶ୍ୟକ ରହିଛି । ବିଦ୍ୟାଳୟ ର ସମସ୍ତ ତଥ୍ୟ, ଆବଶ୍ୟକ ଅନୁମତି ପତ୍ର ଓ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ନଥିବାର ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି । ଅଭିଯୋଗ ଅନୁସାରେ କାଉନସିଲ ଅଫ ହାୟାର ସେକେଣ୍ଡାରୀ ଏଜୁକେଶନ ଓଡିଶା ୨୦୨୪/୨୫ ଅଫିସିଆଲ ଅନୁମଦିତ ତାଲିକାରେ ମଧ ଏହି ଏ ପି ଜେ ଅବଦୁଲ କଲାମ ଶିକ୍ଷାନୁଷ୍ଠାନ ନାମ ନାହିଁ । ବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କର ଡାଇରେକ୍ଟର ଅଫ ହାୟାର ସେକେଣ୍ଡାରୀ ଏଜୁକେସନ ଅନୁମତି ଦେବାକୁ ଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମଧ ବିଦ୍ୟାଳୟ ର ଶିକ୍ଷାବ୍ୟବସ୍ଥା ଯାଂଚ କରିବାର ଆବଶ୍ୟକତା ରହିଛି । ସୂଚନା ଯୋଗ୍ୟ ବାରିପଦା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ଏହି ବିଦ୍ୟାଳୟ ର ଅନୁମତି ପତ୍ର ଆବଶ୍ୟକ ତଥ୍ୟ ଉପଲବ୍ଧ ନଥିବାର ସୂଚନା ମିଳିଛି । ଏଭଳିକି ବେତନଟୀ ଲୋକେସନ ରେ ଏହି ବିଦ୍ୟାଳୟ ନ ଥାଇ ବାରିପଦା ନିକଟବର୍ତୀ ଲୋକେସନ ରେ ଏହି ବିଦ୍ୟାଳୟ ରହିଥିବାର ସୂଚନା ମିଳିଛି । ଫଳରେ ଅଭିଭାବକ ମହଲ ରେ ଛାତ୍ରୀଛାତ୍ର ଙ୍କ ଭଭିଷ୍ୟତ ଓ ବିଦ୍ୟାଳୟ ର ଆଇନ ଗତ ଦିଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ଅଭିଯୋଗ କୁ ଦୃଷ୍ଟି ଦେଇ ଡାଇରେକ୍ଟର ଅଫ ହାୟାର ସେକେଣ୍ଡାରୀ ଅଫ ଏଜୁକେସନ ଭୁବନେଶ୍ୱର ଓ ବାରିପଦା ରେ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଅଭିଭାବକ ମହଲରୁ ଦାବି ହୋଇଛି । ଏ ସମ୍ପର୍କରେ ବାରିପଦା ଠାରେ ଥିବା ହାୟାର ସେକେଣ୍ଡାରୀ ଏଜୁକେସନ କାଉନସିଲ ଅଫିସ ର ବିଭାଗୀୟ ଅଧିକାରୀ ଙ୍କୁ ପଚାରିବାରୁ କହନ୍ତି ପରୀକ୍ଷା ଦାୟିତ୍ୱ ରେ ଆମ୍ଭେ ରହିଛୁ ଏହି ବିଦ୍ୟାଳୟ ର ଚିଠା ଆମ୍ଭ ପାଖକୁ ପରୀକ୍ଷା ପାଇଁ ଆସିନାହିଁ, ଆସିଲେ ଆମ୍ଭେ ପରୀକ୍ଷା କଥା ବୁଝିବୁ । ସେହିପରି ବାରିପଦା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ବିଭାଗୀୟ ଅଧିକାରୀ କହନ୍ତି ଏହି ବିଦ୍ୟାଳୟ ର ତଥ୍ୟ, ଅନୁମତି ପାତ୍ର ଆମ ଅଫିସରେ ଉପଲବ୍ଧ ନାହିଁ । ଏହି ବିଦ୍ୟାଳୟ ବେତନଟୀ ରେ ଏକ ବର୍ଷରୁ ଉର୍ଦ୍ଧ ଚଳିବା ଆମ ପାଖରେ ଖବର ନାହିଁ, ଆଉ ଏହି ବିଦ୍ୟାଳୟ ବାରିପଦା ନିକଟ ରେ ରହିଥିବାର ଲୋକେସନ ଦେଖାଉଛି । ଏହାର ଲୋକେସନ ଚେଞ୍ଜ ପାଇଁ ସୂଚନ ତଥ୍ୟ ଆମକୁ ମିଳିଛି । ଖୁବ ଶୀଘ୍ର ଆବଶ୍ୟକୀୟ ତଥ୍ୟ, ବିଦ୍ୟାଳୟ ର ସ୍ଥିତା ବସ୍ଥା ଯାଂଚ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ସହିତ ଏହି ଅଧିକାରୀ ଆସିବେ ବୋଲି କହିଥିଲେ ।

# +୨ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର: ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ସମସ୍ତ +୨ ପରୀକ୍ଷାର ଫଳାଫଳ ଆଜି ପ୍ରକାଶିତ ହୋଇଅଛି । ସାରା ରାଜ୍ୟରେ ବିଜ୍ଞାନ ବିଷୟରେ ୮୭.୫% ଫଳାଫଳ ହୋଇଥିବା ବେଳେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ହୋଇ ବିଦ୍ୟାଳୟର ଅତିତର ଗୌରବ ବଜାୟ ରଖିଅଛି । ଉକ୍ତ ବିଦ୍ୟାଳୟର ମୋଟ ୨୪୬ ଛାତ୍ରଛାତ୍ରୀ +୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ୨୪୫ ଜଣ ସଫଳତାର ସହ ଉତିର୍ଣ୍ଣ ହୋଇଛନ୍ତି । ୨୪୬ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୮ (୯୨%)ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହୋଇଥିବା ବେଳେ ୧୯ (୭.୭୨%) ଜଣ ଦ୍ୱିତୀୟ ଶ୍ରେଣୀରେ ଉତିର୍ଣ୍ଣ ହୋଇଛନ୍ତି । ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ଜଣ ପିଲା ୯୦% ଉପରେ ରଖିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ୫୦୦ ଉପରେ ନମ୍ବର ରଖିଛନ୍ତି ଏବଂ ୬୪ ଜଣ ପିଲା ୮୦% ଉପରେ ମଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ଅନୁଷ୍ଠାନର ଛାତ୍ରୀ ଶ୍ରୀମତୀ ସସ୍ମିତା ମାଝୀ ସର୍ବୋଚ୍ଚ ନମ୍ବର ୫୬୬ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନ ବଜାୟ ରଖିବାରେ ସହାୟକ ହୋଇଛି । ଅନୁଷ୍ଠାନର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କର ନିରବଚ୍ଛିନ୍ନ କଠିନ ପରିଶ୍ରମ, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ଉନ୍ନତମାନର ତତ୍ତ୍ୱାବଧାନ ଏବଂ ସମସ୍ତ କର୍ମଚାରୀ ମାନଙ୍କର ପ୍ରଚେଷ୍ଟା ବଳରେ ଏବର୍ଷର ଶତପ୍ରତିଶତ ଫଳାଫଳ ଅନୁଷ୍ଠାନର ଗୌରବ ବଜାୟ ରଖିବାରେ ସଫଳ ହୋଇଛି । ଅନୁଷ୍ଠାନର ଚେୟାର ମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତରନ ମିଶ୍ର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଏବଂ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହିତ ଶୁଭେଚ୍ଛା ଜଣାଇ ଉତିର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କର ମଙ୍ଗଳ କାମନା କରିଛନ୍ତି ।

# ବିପ୍ଳବୀ ମୃଷା ମଲ୍ଲିକଙ୍କ ୬୫ତମ ଶ୍ରାଦ୍ଧୋତ୍ସବ ପାଳିତ

କଟକ(ନିପ୍ର): ପ୍ରଜାମଣ୍ଡଳ ଆନ୍ଦୋଳନର ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ମୃଷା ମଲ୍ଲିକ । ବୀର ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଗରିଲା ବାହିନୀର ନେତୃତ୍ୱ ନେଇ ମୃଷା ମଲ୍ଲିକ ଗାଁ ଗାଁ ବୁଲି ଏକ ବିକଳ୍ପ ଶାସନ ଛିଡା କରିଥିଲେ । ରାଜା ଅତ୍ୟାଚାରରୁ ନିଜ ଧର୍ମପତ୍ନୀଙ୍କୁ ରକ୍ଷା କରିବା ନିମନ୍ତେ ତାଙ୍କର ଅନ୍ୟତ୍ର ବିବାହ କରାଇବା, ନିଜେ ରାଜାଙ୍କ ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ଦେଶର ସ୍ୱାଧୀନତା କାରଣରୁ ମୁକ୍ତି ଲଭିବା ଭଳି ଅନେକ ଘଟଣା ବହୁଳ ତାଙ୍କ ଜୀବନ ଓ ସଂଗ୍ରାମ ଯୁବପିଢ଼ିଙ୍କୁ ଆଜି ମଧ ଆକର୍ଷିତ କରୁଅଛି । ଏହିଭଳି ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ଦେଶରେ ପୁନର୍ଜାଗରଣର ରାସ୍ତା ଖୋଲିଥିଲା ବୋଲି ମୃଷା ମଲ୍ଲିକ ଜାତୀୟ ସ୍ମାରକୀ ନ୍ୟାସ ପକ୍ଷରୁ କଟକ ଗାନ୍ଧୀ ଭବନ ପରିସରରେ ପ୍ରଜାମଣ୍ଡଳ ଆନ୍ଦୋଳନର ନେତା ବିପ୍ଳବୀ ମୃଷା ମଲ୍ଲିକଙ୍କ ୬୫ତମ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ସ୍ମୃତି ସଭା ଓ ସାମୁହିକ ଆଲୋଚନାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ମୃଷା ମଲ୍ଲିକ ଜାତୀୟ ସ୍ମାରକୀ ନ୍ୟାସର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତା ତଥା ଗାନ୍ଧୀବାଦୀ ଯୁବ ନେତା ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନ୍ୟାସର ସମ୍ପାଦକ ଜ୍ଞାନ ରଂଜନ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ . ପ୍ରାକ୍ତନ ମନ୍ତ୍ରୀ ତଥା ବିପ୍ଳବୀ ମୃଷା ମଲ୍ଲିକଙ୍କ ନାତି ପ୍ରଫୁଲ୍ଲ ମଲ୍ଲିକ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାବ ଦାସ ମୁଖ୍ୟ ବକ୍ତା, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ ମୁଖ୍ୟ ଅତିଥି ତଥା ଆଡାଭକେଟ ସୁସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିବା ସହ ବିପ୍ଳବୀ ମୃଷା ମଲ୍ଲିକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।


## ଖଡ଼ଗପୁର ଡିଭିଜନରେ ବିବିଧ ସ୍ଥିର ସେବା ଏବଂ ଦେୟ ଏବଂ ବ୍ୟବହାର ଶୌଚାଳୟ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ

**ଇ-ନିଲାମ ନୋଟିସ ନମ୍ବର: କେଜିପି/ପିଏନ୍ୟୁ-ଏମ୍ଏସ୍ଏସ୍/୨୦୨୬/୬ ତାରିଖ: ୧୯.୦୫.୨୦୨୬**

ଭାରତୀୟ ସଂଘର ସଭାପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ପରିଚାଳକ, ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି - କ୍ଲୋକ୍ ରୁମ୍ ସହିତ କ୍ଲବ୍ ହୋଇଥିବା ଏସି ପେଡ୍ ଲାଉଞ୍ଜ ପାଇଁ ଚୁକ୍ତିନାମା ଦିଘାଠାରେ ପରିଚାଳନା ଏବଂ ଭୂତଳ ମହଲାରେ ଏସି ୱେଟିଂ ହଲ୍ ଶାଲିମାର ରେଳ ଷ୍ଟେସନର ସର୍ଭର ରୁମ୍ ଏବଂ ବିଦ୍ୟମାନ ଏସି ୱେଟିଂ ହଲ୍ ୫ (ପାଂଚ) ବର୍ଷ ପାଇଁ । ନିଲାମ କ୍ୟାଟାଲଗ୍ ନମ୍ବର: ପିଏନ୍ୟୁ-କେଜିପି-ଏସିଡବ୍ଲୁଆରଏଲ-୨, ନିଲାମ ତାରିଖ: ୦୪.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୪୦ ଘଂଟା । ଖଡ଼ଗପୁର ଏବଂ ବାଲେଶ୍ୱର ରେଳ ଷ୍ଟେସନରେ ଦୁଇଚକିଆ ଯାନ ଏବଂ ଅନ୍ୟାନ୍ୟ ପାର୍ସଲ / ପ୍ୟାକେଜଗୁଡ଼ିକର ପ୍ୟାକିଂ ପାଇଁ ଚୁକ୍ତିନାମା ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ଟିଡବ୍ଲୁଏନ୍ଓପି-୫, ନିଲାମ ତାରିଖ: ୦୫.୦୬.୨୦୨୬, ନିଲାମ ଆରମ୍ଭ / ବନ୍ଦ ସମୟ: ୧୧:୦୦ ଏବଂ ୧୧:୪୦ ଘଂଟା । ଖଡ଼ଗପୁରର ଚର୍ ନମ୍ବର ୧ ଏବଂ ୨ ରେ ଅବସ୍ଥିତ ସାଧାରଣ ପେ ଆଣ୍ଡ୍ ବ୍ୟବହାର ଶୌଚାଳୟ ୟୁନିଟ୍, ବାରିପଦାରେ ନୂତନ ଷ୍ଟେସନ୍ କୋଠା, ଉତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ୍ ନିକଟରେ ଏବଂ ସାନ୍ତ୍ରାଗାଛିରେ ଉତର ପାର୍ଶ୍ୱ ପାର୍କିଂ ନିକଟରେ, ସାନ୍ତ୍ରାଗାଛିରେ ଲ୍ୟାଣ୍ଡିଂ ଏବଂ ସବୱେ ମଧ୍ୟରେ ନୂତନ ଷ୍ଟେସନ୍ କୋଠାର ଭୂତଳ ମହଲା (ଶେଷ ଆଡକୁ), ସାନ୍ତ୍ରାଗାଛିରେ ପ୍ଲାଟଫର୍ମ ୬/୭, ଖଡ଼ଗପୁରରେ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ସେଠାରେ ପେ ଆଣ୍ଡ୍ ବ୍ୟବହାର ଶୌଚାଳୟ ବ୍ଲକ-୧ (ଓଏଚ୍ଇ ମାଷ୍ଟ ନମ୍ବର ୭/୩୮ଏ ନିକଟରେ) ଏବଂ ବ୍ଲକ୍-୧୧ (ଓଏଚ୍ଇ ମାଷ୍ଟ ନମ୍ବର ୭/୩୪ବି ନିକଟରେ) ସାନ୍ତ୍ରାଗାଛିରେ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ଏବଂ ଶାଲିମାର ରେଳ ଷ୍ଟେସନର ଗଙ୍ଗା ଶେଷ ଆଡକୁ ଚର୍ ନମ୍ବର ୦୧ ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଚୁକ୍ତିନାମା ୩ (ତିନି) ବର୍ଷ ପାଇଁ । ନିଲାମ କ୍ୟାଟାଲଗ୍ ନମ୍ବର: ପିଏନ୍ୟୁଟିଓଆଇ-କେଜିପି-୨୬-୪, ନିଲାମ ତାରିଖ: ୦୫.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୨:୩୦ ଏବଂ ୧୪:୦୦ ଘଂଟା । ସର୍ବାଧିକ ୧୨:୩୦ ଏବଂ ୧୪:୦୦ ଘଂଟା । ସାନ୍ତ୍ରାଗାଛି ନୂତନ ଷ୍ଟେସନ କୋଠାର ୧ ମହଲା, ଶାଲିମାର ଷ୍ଟେସନ କୋଠାର ଭୂମି ମହଲା ଏବଂ ଖଡ଼ଗପୁର ରେଳ ଷ୍ଟେସନର ଚର୍ ନମ୍ବର ୩/୪ ରେ ସେଲୁନ୍ ସେବା ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନଂ: ଏମ୍ଏସ୍ଏସ୍-କେଜିପି-ସାଲୋନ-୭, ନିଲାମ ତାରିଖ: ୦୮.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ:୧୧:୦୦ ଏବଂ ୧୧:୫୦ ଘଟା । ୩ (ତିନି) ବର୍ଷ ପାଇଁ ପାଂସକୁରାର ଚର୍-୩/୪ ଏବଂ ମେଚେଡା ରେଳ ଷ୍ଟେସନର ପିଏଫ୍-୩/୪ ରେ ଆରାମ ଚେୟାର/ଗୁଡ଼ିକ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା । ନିଲାମ କ୍ୟାଟାଲଗ ନଂ: ଏମ୍ଏସ୍ଏସ୍-କେଜିପି-ଆରଏକ୍ସସିଏଚ୍ଏ-୬, ନିଲାମ ତାରିଖ ୦୯.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୪୦ ଘଂଟା । ମୋବାଇଲ୍ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତିନାମା ଏବଂ ଆସେସୋରିଜ୍ କିଓସ୍କ ମେଚେଡାର ପିଏଫ୍-୧/୨, ଜଳେଶ୍ୱରର ପିଏଫ୍-୨/୩, ଦୀଘା ରେଳ ଷ୍ଟେସନ କୋଠା ସଂଲଗ୍ନ, ସାନ୍ତ୍ରାଗାଛିର ନୂତନ ଷ୍ଟେସନ କୋଠାର ଭୂମି ମହଲା, ପାଂସକୁରାର ପିଏଫ୍-୫/୬ ଏବଂ ଶାଲିମାର ଷ୍ଟେସନ କୋଠାର ଭୂମି ମହଲା ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ଗଝଝ-କଏଚ-ଗଡଂଇଖ-୬, ନିଲାମ ତାରିଖ- ୧୦.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୨:୨୦ ଘଂଟା । ପଂସକୁରାର ପିଏଫ୍-୫/୬ ଏବଂ ମେଚେଡା ରେଳ ଷ୍ଟେସନର ଚର୍-୩/୪ ରେ ପୂଜା ସମାଗ୍ରୀ କିଓସ୍କ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତିନାମା ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ପୋଜା-୬, ନିଲାମ ତାରିଖ: ୧୧.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୪୦ ଘଂଟା । କ୍ରମଶଃ । ସାନ୍ତ୍ରାଗାଛି ନୂତନ ଷ୍ଟେସନ କୋଠାର ଭୂମି ମହଲାରେ ପ୍ରମୋସନାଲ୍ କିଓସ୍କ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତି, ପାଂସକୁରା ରେଳ ଷ୍ଟେସନର ଚର୍-୩/୪ ଏବଂ ଶାଲିମାର ଷ୍ଟେସନ କୋଠାର ଭୂମି ମହଲା ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ପ୍ରୋମ-୬, ନିଲାମ ତାରିଖ: ୧୨.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୫୦ ଘଂଟା । ଶାଲିମାର ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଜରୁରୀକାଳୀନ ଚିକିତ୍ସା କକ୍ଷ (ରଗଜ) ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ଇଏମ୍ଆର-୧, ନିଲାମ ତାରିଖ: ୧୫.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୪୦ ଘଂଟା । https://www.ireps.gov.in/website ରେ ସୂଚିତ । ଆଗ୍ରହୀ ପକ୍ଷ ଏବଂ ଠିକାଦାର ଏହାକୁ ଧାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ ବିଷୟରେ ବିବରଣୀ ଏବଂ ସମ୍ପର୍କିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଅଛି, ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-199) **ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର/କେଜିପି**

ଦକ୍ଷିଣପୂର୍ବ ରେଳପଥ
*ସହର୍ଷେ ସମସ୍ତଙ୍କ ସେବାରେ*


# ବିଜେଡିର ମହିଳା ସମାବେଶ ଓ ନାରୀ ଅଧିକାର ଅଭିଯାନ

ଧାମନଗର(ନିପ୍ର): ଧାମନଗର ବ୍ଲକ ବିଜେଡ଼ି ପକ୍ଷରୁ ଅସୁରାକଳୀ ସ୍ଥିତ ଖୁଲାଇଶୁଣି ମନ୍ଦିର ପଡିଆ ରେ ମଙ୍ଗଳବାର ଅପରାହ୍ନ ରେ ମହିଳା ସମାବେଶ ଅନୁଷ୍ଠିତ ହୋଇଛି । ସମାବେଶରେ ମଂଚାସିନ ଅତିଥିମାନେ କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ସହ ଡବଲ ଇଞ୍ଜିନ ସରକାର ସମୟରେ ରାଜ୍ୟର ନାରୀ ନିର୍ଯ୍ୟାତନା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଆଦି ସମ୍ପର୍କରେ ସୂଚନା ଦେଇଛନ୍ତି । ବ୍ଲକ ମହିଳା ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନି ବାଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଦଳର ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ଡ଼ଃ ବ୍ୟମକେଶ ରାୟ,




ଝିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଜିଲ୍ଲା ମହିଳା ସଭା ନେତ୍ରୀ ବିଦ୍ୟୁତ ଲତା ନାୟକ, ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ଧାମନଗର ଏନ ଏ ସି ଅଧକ୍ଷା ନିବେଦିତା ଜେନା, ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଏବଂ ତିହିଡି ପଂଚାୟତ ସମିତି ଅଧକ୍ଷା ଅବନ୍ତି ଯେନା, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ ନାୟକ, ଦଳର ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ସାରଦା ପ୍ରସନ୍ନ ସାହୁ, ଯୁବ ବିଜେଡ଼ି ସଭାପତି ଭାରତ ବିଜୟ ଦଳାଇ, ସରପଂଚ ସରିତା ମହାନ୍ତି, କସ୍ତୁରୀ ବିଶ୍ୱାଳ, ମମତା ଆର୍ଚ୍ଚାର୍ଯ୍ୟ, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଉପାଧକ୍ଷ ଏମଡ଼ିଏସ ଦାନୀ କାଦିରୀ ପ୍ରମୁଖ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଅତୀତରେ ବିଜୁ ପଟ୍ଟନାୟକ ଅବଦାନ ପରବର୍ତୀ ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସରକାର ନାରୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କରି ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ହେଲେ ଏବେ କେନ୍ଦ୍ର ସରକାର ନାରୀ ବନ୍ଦନା ବିଲ ଆଳରେ ଆଣିଥିବା ଡିଲିମିଟେସନ ବିଲ ଲୋକ ସଭାରେ ପାରିତ କରିନପାରି ଅଯଥାରେ ବିଜେଡି କଂଗ୍ରେସ ଆଦି ଦଳ ଉପରେ ମିଥ୍ୟା ଆରୋପ ଆଣୁଥିବା ବର୍ତମାନ ରାଜ୍ୟର ପେଟ୍ରୋଲ ଡିଜେଲ ଦର ବୃଦ୍ଧି, ବିପର୍ଯ୍ୟସ୍ତ ଅର୍ଥନୀତି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ର ଅହେତୁକ ଦର ବୃଦ୍ଧି, ମହିଳା ଅସୁରକ୍ଷିତ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବେକାରୀ ବୃଦ୍ଧି ଇତ୍ୟାଦି ପାଇଁ ରାଜ୍ୟର ଦୁଇ ବର୍ଷ ଶାସନର ରେ ଘରେ ଘରେ ଆଶାନ୍ତି ର ବାତାବରଣ ସୃଷ୍ଟି ହୋଇଥିବା ସମ୍ପର୍କରେ କହିଥିଲ । ଏହି ଅବସରରେ ଅସୁରାକି ବିଦ୍ୟୁତ ଷ୍ଟ୍ରକଚର ପଡିଆ ଠାରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ସଭାସ୍ଥଳରେ ପହଂଚିଥିଲା ।

# କାଳବୈଶାଖୀ ବର୍ଷାରେ କେନାଲ ଆଡ଼ି ଧୋଇ ନେଉ ଥିବାରୁ ମୌସୁମୀ ବର୍ଷା ଆସିଲେ ସମ୍ପୂର୍ଣ୍ଣ ଧୋଇ ଯିବାର ଆଶଙ୍କା

ବେତନଟୀ(ନିପ୍ର): ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଷୀଙ୍କ ହିତ ପାଇଁ ନିର୍ମାଣ କରିଥିବା ସୁବର୍ଣ୍ଣରେଖା କେନାଲର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । କାଳବୈଶାଖୀ ବର୍ଷାରେ କେନାଲ ଆଡି ଧୋଇ ନେଉଥିବାରୁ ମୌସୁମୀ ବର୍ଷା ଆସିଲେ ସମ୍ପୂର୍ଣ୍ଣ ଧୋଇ ଯିବାର ଆଶଙ୍କା ଦେଖା ଦେଇଛି । କେନାଲ କାର୍ଯ୍ୟ ସମାପ୍ତ ହେବାର ପ୍ରାୟ ୧ ବର୍ଷ ମଧ ପୁରଣ ହୋଇ ନଥିବା ବେଳେ ଶାଖା କେନାଲ ଏବଂ କେନାଲ ବନ୍ଧ ରାସ୍ତାଗୁଡ଼ିକର ନିର୍ମାଣ ଶୈଳୀ ଓ ରକ୍ଷଣାବେକ୍ଷଣର ସମ୍ପୂର୍ଣ୍ଣ ଅଭାବ ରହିଛି । ଦହିକୋଟି ସମେତ ବିଭିନ୍ନ ସ୍ଥାନରେ ଘାସ ଚେକା ଦିଆ ନଯିବା କାରଣରୁ ରାସ୍ତା ଧୋଇ ହୋଇ ଯାଇଛି । ଯାହା ଫଳରେ ଜନସାଧାରଣଙ୍କ ଯାତାୟତ ମଧ କଷ୍ଟକର ହୋଇ ପଡୁଛି । ବର୍ଷ ବର୍ଷ ଧରି ଜଳ ସେଚନ ଆଶାରେ ଚାହିଁ ବସିଥିବା ଚାଷୀମାନେ ଏବେ କେନାଲ ଉପରେ ଯାତାୟତ କରିବାକୁ ମଧ ଡରୁଛନ୍ତି । ବିଭାଗୀୟ କର୍ତୃପକ୍ଷଙ୍କ ଦୃଷ୍ଟି ଏଥି ପ୍ରତି ପଡୁ ନଥିବା ଅଭିଯୋଗ ଉଠିଛି । କେନାଲ ନିର୍ମାଣ ପରେ ଯଥାଚିତ ରକ୍ଷଣାବେକ୍ଷଣ ନ ହେବା ଯୋଗୁଁ ସରକାରୀ ପୁଞ୍ଜି ବ୍ୟୟ ବ୍ୟର୍ଥ ହେବାର ଆଶଙ୍କା ଦେଖା ଦେଇଛି । ଚାଷୀଙ୍କ ଜୀବନ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କେନାଲ ପ୍ରକଳ୍ପର ଦୁର୍ବସ୍ଥା ପ୍ରତି ପ୍ରଶାସନିକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧି ଯିବି ମହଲରେ ଆଲୋଚନା ହେଉଛି । ତା ସହିତ ଶୀଘ୍ର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଆରମ୍ଭ କରାଗଲେ ହିଁ ପ୍ରକଳ୍ପର ଉଦ୍ଦେଶ୍ୟ ସଫଳ ହୋଇପାରିବ ସ୍ଥାନିୟ ଅଂଚଳ ବାସି କହିଛନ୍ତି ।

# ସମସ୍ତ ଔଷଧ ଦୋକାନ ବନ୍ଦ

ସୋର(ନିପ୍ର): ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଂଘ ଡାକରାରେ ସୋରର ସମସ୍ତ ଔଷଧ ଦୋକାନ ବନ୍ଦ ହୋଇଥିବା ଦେଖାଯାଇଛି । ଅନ୍ ଲାଇନ୍‌ରେ ଔଷଧ ବିକ୍ରିକୁ ବିରୋଧ କରି ଏହି ଡାକରା ଦିଆଯିବା ବେଳେ କେବଳ ମେଡ଼ିକାଲ ବ୍ୟତୀତ ଆଉ ସମସ୍ତ ଔଷଧ ଦୋକନ ବନ୍ଦ ରଖାଯାଇଛି । ଅନ୍‌ଲାଇନ ବିକ୍ରି ବନ୍ଦ, କର୍ପୋରେଟସଂସ୍ଥା ଦ୍ୱାରା ଅଧିକ ରିହାତି ବନ୍ଦ ଏବଂ ନକଲି ଔଷଧ ବିକ୍ରି ଉପରେ କଟକଣା ଦାବିରେ ଏହି ବନ୍ଦ କରାଯାଇଛି । ସୋର ଔଷଧ ଦୋକାନୀ ସଂଘ ତରଫରୁ ହରିଶ ବାରିକ, ଡମ୍ବରୁଧର ସାହୁ, ବିଜୟ କୁମାର ପାତ୍ର, ଅକ୍ଷୟ କୁମାର ସାହୁ, ଅଶୋକ କୁମାର ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ଦେବି ପ୍ରସାଦ ହୋତା, ସୁଭ୍ରାଂଶୁ ଶେଖର ମହାନ୍ତି, ସୌମ୍ୟ ମିତ୍ର, ବିବେକ ଜାଜୁଡ଼ିଆ, ଶରତ ଚନ୍ଦ୍ର ପାତ୍ରନ, ନିପେନ କୁମାର ପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।

# ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଅଭିଯୋଗର ତଦନ୍ତ କଲେ ଏଡିଏମ୍‌ଓ

ବେତନଟୀ(ନିପ୍ର): ବେତନଟୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରେ ଦୀର୍ଘ ଦିନଧରି ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଡାକ୍ତରଖାନାରେ ରୋଗୀ ଉଦେଶ୍ୟରେ କେତେକ ଭୁଲ କାମପାଇଁ ରୋଗୀଙ୍କ ଜୀବନ ବିପଦପୂର୍ଣ୍ଣ ଥିବାର ସମ୍ଭାବନା କୁ ଦୃଷ୍ଟିରେ ରଖି ରୋଗୀଙ୍କ ପରିବାର ସଦସ୍ୟ ବେତନଟୀ ଡାକ୍ତରଖାନାର ଚିକିତ୍ସା ଅଧିକାରୀ ସିପୁନ ପଣ୍ଡାଙ୍କୁ ଏକ ସପ୍ତାହ ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ । ବେତନଟୀ ମିଡ଼ିଆ ଆସୋସିଏସନ ମଧ ଡାକ୍ତରଖାନା ରେ ଲାଗିରହିଥିବା କେତେକ ସମସ୍ୟା ଓ ଅଭିଯୋଗ ପାଇଁ ବାରିପଦା ସ୍ଥିତ ପିଆରଏମ ମେଡିକାଲ ଲାଲେଜ ର ଜିଲ୍ଲା ଚିକିତ୍ସା ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ ସହ ସାକ୍ଷାତରେ




ଆଲୋଚନା କରିଥିଲେ । ରୋଗୀ ଙ୍କ ପରିବାର ସଦସ୍ୟ ଏବଂ ମିଡ଼ିଆ ଆସୋସିଏସନ ଅଭିଯୋଗ ର ତଦନ୍ତ ପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀ ଙ୍କ ନିର୍ଦ୍ଦେଶ ରେ ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଶଶିକାନ୍ତ ସେଠୀ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ତଦନ୍ତ ପାଇଁ ଆସିଥିଲେ । ପୂର୍ବ ନିର୍ଦ୍ଧାରିତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଚିଠି ନିର୍ଦ୍ଦେଶ ଅନୁସାରେ ରୋଗୀ ଏବଂ ତାଙ୍କ ପିତାମାତା ଓ ବେତନଟୀ ମିଡ଼ିଆ ଆସୋସିଏସନ ର ସଦସ୍ୟ ମାନେ ଉପସ୍ଥିତ ରହି ଏହି ତଦନ୍ତ ରେ ସହଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଏହି ବ୍ଲକ ଅଧିନ ବାହାନାଡ଼ା ଗ୍ରାମର ମା ସବିତା ବେହେରା ବାପା ବିଦ୍ୟାଧର ବେହେରାଙ୍କ ଝିଅ ସ୍ନେହାଶ୍ରୀ ବେହେରାଙ୍କ ଗୋଡ଼ ଭାଙ୍ଗିବାର ଭୁଲ ଏକ୍ସରେ ରିପୋର୍ଟ ବେତନଟୀ ଡାକ୍ତରଖାନାରୁ ପ୍ରଦାନ କରାଯାଇଥିବେ ବେଳେ ଡାକ୍ତର ଏହି ରିପୋର୍ଟ କୁ ଆଧାର କରି ରୋଗୀଙ୍କୁ ବାରିପଦା ରେଫର କରି ମେଡ଼ିସିନ ପ୍ରଦାନ କରାଯାଇ ଥିଲା । ଫଳରେ ପରିବାର ଲୋକ ହତାଶ ହୋଇ ଅଧିକ ସମୟ ଅପଚୟ କରିବାସହ ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେବା ବିଷୟ ରେ ଅଭିଯୋଗ ର ତଦନ୍ତ କରିଥିଲେ । ମିଡ଼ିଆ ଆସୋସିଏସନ ଅଭିଯୋଗ ଅନୁସାରେ ବେତନଟୀ ଡାକ୍ତରଖାନା ରେ ଇଞ୍ଜେକେସନ ଗୁଡିକୁ ଅନାବଶ୍ୟକ ଭାବେ ଆଗୁଆ ଔଷଧ ସିରିଞ୍ଜରେ ଲୋଡ୍ କରି ରଖିବା ଓ ରୋଗୀ ଆସିଲେ ପୂର୍ବରୁ ଲୋଡ୍ ହୋଇଥିବା ଔଷଧ ଭର୍ତି ଇଞ୍ଜେକ୍ସନ ଦିଆଯାଉଥିବା ଅଭିଯୋଗ ଓ ଏହାର ପ୍ରମାଣ ସମ୍ପର୍କରେ ତଦନ୍ତ କରାଯାଇ ଥିଲା । ସେହିଭଳି ବେତନଟୀ ଡାକ୍ତରଖାନା ରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ନ ଥିବାରୁ ସର୍ପ ଆଘାତ, ବଜ୍ର ପାତ, ବିଷ ଖିଆ ରୋଗୀ ଓ ସଡ଼କ ଦୁର୍ଘଟଣା ରେ ଅଧିକ ଗୁରୁତର ହୋଇଥିବା ରୋଗୀଙ୍କୁ ବାରିପଦା ରେଫର ସମୟ ରେ ଏକଘଂଟାରୁ ତିନିଘ[। ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ଆସିବା ପାଇଁ ବିଳମ୍ବ କରୁଛି । ଫଳରେ ରୋଗୀ ବିଳମ୍ବ ଚିକିତ୍ସା ପାଇଁ କେତେକ ରୋଗୀଙ୍କ ମୂଲ୍ୟବାନ ଜୀବନ ଚାଲି ଯାଉଥିବାର ଦେଖିବାକୁ ମିଳୁଛି । ସେହିଭଳି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହ ବିଧାୟକ ଉଦଘାଟନ କରିଥିଲେ ମଧ ଅଧିକାଂଶ ବ୍ୟବଚ୍ଛେଦ ପାଇଁ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ପକ୍ଷରୁ ବାରିପଦା ଯିବା ପାଇଁ ବାଧ କରାଯାଉଛି । ବେତନଟୀ ଠାରେ ନୟମିତ ଶବବ୍ୟବଚ୍ଛେଦ କରିବା ପାଇଁ ମିଡ଼ିଆ ଆସୋସିଏସନ ଦାବି କରିଥିଲା ।

# ୨୪ତମ ଜାତୀୟ ଲୋକମେଳା ଓ ୧୭ତମ ଜାତୀୟ କୃଷି ମେଳା ୨୦୨୬ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ(ନି.ପ୍ର.)ଶ୍ରୀ ଶ୍ରୀକ୍ଷେତ୍ର ସୂଚନା,ପୁରୀଙ୍କ ଆନୁକୂଲ୍ୟରେ ପବିତ୍ର ମହୋଦଧିଙ୍କ ସ୍ୱର୍ଣ୍ଣାଭ ବେଳାଭୂମିରେ ଜୁନ ୦୧ ତାରିଖରୁ ୦୫ ତାରିଖ ପର୍ଯ୍ୟନ୍ତ, ପାଂଚଦିନ ଧରି ଅନୁଷ୍ଠିତ ହେବ ଚତୁର୍ବିଂଶ ଜାତୀୟ ଲୋକମେଳା ଓ ସପ୍ତଦଶ କୃଷିମେଳା । ଏ ଅବସରରେ ଭାରତବର୍ଷ ର ପ୍ରାୟ ସମସ୍ତ ରାଜ୍ୟ ସରକାର ମାନଙ୍କ ଦ୍ୱାରା ପ୍ରେରିତ ଲୋକକଳା ସାଂସ୍କୃତିକ ଦଳମାନେ ନିଜ ନିଜ ରାଜ୍ୟର ଲୋକକଳା ଏଠାରେ ପ୍ରଦର୍ଶନ କରିବେ । ଏଥିପାଇଁ ଭାରତବର୍ଷ ର କୋଲକାତା, ଦିମାପୁର, ପ୍ରୟାଗରାଜ, ପାଟିଆଲା, ଉଦୟପୁର, ନାଗପୁର ତଥା ତାଞ୍ଜାଭୁର ସ୍ଥିତ ସାଂସ୍କୃତିକ ମଣ୍ଡଳ କେନ୍ଦ୍ର ଗୁଡିକ ସେମାନଙ୍କ ସହଯୋଗର ହାତ ବଢ଼ାଇ ଅଛନ୍ତି ।

ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଙ୍କ ଅଧ୍ୟକ୍ଷତା ରେ ୨୪ ତମ ଲୋକମେଳା ୨୦୨୬ ଓ ୧୭ ତମ କୃଷି ମେଳା ୨୦୨୬ ପାଇଁ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କୁ ନେଇ ଏକ ସମନ୍ୱୟ ବୈଠକ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମନ୍ୱୟ ବୈଠକ ରେ ଶ୍ରୀ




ଶ୍ରୀକ୍ଷେତ୍ର ସୂଚନା ର ଅଧକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଓ ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଆସନ୍ତା ଜୁନ୍ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ ତମ ଜାତୀୟ ସ୍ତରୀୟ ଲୋକମେଳା ଓ ୧୭ ତମ କୃଷି ମେଳା ସମ୍ପର୍କ ରେ ସବିଶେଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ସୁଦୂର ଜମ୍ମୁ କାଶ୍ମୀର ଠାରୁ ଆରମ୍ଭ କରି ଲକ୍ଷଦ୍ୱିପ ପର୍ଯ୍ୟନ୍ତେ , ଗୁଜରାଟ ଠାରୁ ଆରମ୍ଭ କରି ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସମସ୍ତ ଭାରତ ବର୍ଷର ବିଭିନ୍ନ ରାଜ୍ୟ ରୁ ୨୫ ଗୋଟି ୫୦୦ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି ଏହା ସହିତ ଏକ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ମଧ ଆୟୋଜିତ ହେଉଛି ଏହି ପ୍ରଦର୍ଶନୀ ରେ ଭାରତୀୟ ରେଳ ବିଭାଗ, ଗୁଜରାଟ ସରକାର ଙ୍କ ହସ୍ତତନ୍ତ ତଥା ବୟନ ନିଗମ, ଜାତୀୟ ବହି ବୋର୍ଡ, ଜାତୀୟ ଝୋଟ ବୋର୍ଡ, ଜାତୀୟ କତା ବୋର୍ଡ , ଟ୍ରାଇଫେଡ, ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ବୟନ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି । ଠିକ ସେହିପରି ଜାତୀୟ ସ୍ତରୀୟ କୃଷି ପ୍ରଦର୍ଶନୀ ରେ ଭାରତ ସରକାରଙ୍କର ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ , ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ଭାରତ ସରକାର ଙ୍କ ଜୈବିକ ବିଜ୍ଞାନ ବିଭାଗ , ଜାତୀୟ ଉଦ୍ୟାନ ବୋର୍ଡ , ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ , ଜାତୀୟ ମତ୍ସ୍ୟ ବୋର୍ଡ , ସିଫନେଟ, ଓଡ଼ଶା ସରକାର ଙ୍କ କୃଷି , ଉଦ୍ୟାନ , ମୃର୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ , ସୁଦୂର ନାଗାଲାଣ୍ଡ ତଥା ମଣିପୁର ରାଜ୍ୟ ର ଉଦ୍ୟାନ ଓ କୃଷି ବିଭାଗ ଏହି କାର୍ଯ୍ୟକ୍ରମ ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଅଛି । ଏହି ଦୁଇ ଜାତୀୟ ମହୋତ୍ସବ କୁ ଅତିଥି ଭାବରେ ଓଡ଼ିଶା ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଓ ମନ୍ତ୍ରୀ ମଣ୍ଡଳ ର ବିଭିନ୍ନ ମନ୍ତ୍ରୀ ମାନଙ୍କୁ ଓ ସାଂସଦ ତଥା ବିଧାୟକ ମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଏହି ବୈଠକ ପୁରୀ ମ୍ୟୁନିସିପାଲଟି କର୍ପୋରେସନ ର ଯୁଗ୍ମ କମିସନର ଅଭିନୟ ବେହେରା , ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଇନ୍ଦା ଦେବିସଙ୍କର ପ୍ରତାପ , ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁରୀ ବିଷ୍ଣୁପଦ ମାରାଣ୍ଡି, ବୟନ ନିରୀକ୍ଷକ ପ୍ରଶାନ୍ତ କୁମାର ନାମ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ମାନସ କୁମାର ବାରିକ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଛନ୍ଦ୍ର ମୋହନ ଚାନ୍ଦ, ସହ କୃଷି ଅଧିକାରି ସ୍ୱାଗତିକା ପଟ୍ଟନାୟକ, ମୁଖ୍ୟ ପଶୁସମ୍ପଦ ଅଧିକାରୀ ଡ଼ଃ ଶରତ କୁମାର ବେହେରା , ଏଲ୍ ଡି ଏମ୍ ଅନିଲ କୁମାର ଭୋଇ, ଦେବୀ ଶୁଭଦ୍ରା ଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ମନ୍ଦିର ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଭାସ୍କର ମିଶ୍ର, ବରିଷ୍ଠ ଗୀତିକାର ଡ଼ଃ ବଦ୍ରି ମିଶ୍ର, ବରିଷ୍ଠ ସମାଜସେବୀ ଚକ୍ରଧର ମହାପାତ୍ର , ପୂର୍ବତନ ଜିଲ୍ଲା ଯୋଗାଣ ଅଧିକାରୀ ସଂତୋଷ କୁମାର ମହାନ୍ତି,ଅନୁଷ୍ଠାନ ର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ , ବରିଷ୍ଠ ଅଧ୍ୟାପକ ଡ଼ଃ ବିଶ୍ୱନାଥ ମିଶ୍ର, ଯୁଗ୍ମ ସମ୍ପାଦକ ବିଦ୍ରୋହ କେଶରୀ ସିଂହ , ଶିବସୁନ୍ଦର ମିଶ୍ର , ଭବାନୀ ଶଙ୍କର, ପୁଷ୍କର ସାହୁ, ପୂର୍ଣ୍ଣ ଚନ୍ଦ୍ର ଓଝା ଓ ଅନ୍ୟାନ୍ୟ ଯୋଗ ଦେଇଥିଲେ ।

# ସହିଦ ଦିଲ୍ଲୀପ ସ ଙ୍କ ୨୧ ତମ ଶ୍ରଦ୍ଧାଞ୍ଜଳି ଦିବସ ଆୟୋଜିତ

ନୀଳଗିରି,(ନି.ପ୍ର.),ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଂଚଳ କମିଟି ତରଫରୁ ହରେକୃଷ୍ଣ ପଣ୍ଡିତ ଙ୍କ ସଭାପତିତ୍ୱ ରେ ରାଜନୈତିକ ହିଂସା କାରଣ ରୁ ହତ୍ୟା କରାଯାଇଥିବା ଦିଲ୍ଲୀପ ସ ଙ୍କ ୨୧ ତମ ଶ୍ରାଧବାର୍ଷିକ ଗୁହାଳିଆ ଠାରେ ପାଳନ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଭାଗ ନେଇ ୨୦୦୫ ମସିହା ମେ ମାସ ୧୯ ତାରିଖ ରାତି ୧୦ ଘଟିକା ସମୟରେ ତାଙ୍କ ଫାର୍ମ ହାଉସ ନିକଟରେ ଜଙ୍ଗଲ ପାର୍ଶ୍ୱ ରେ ଲୁହା ରଡ଼,ଟାଙ୍ଗିଆ ତଥା ଅନ୍ୟ ମରଣାସ୍ତ୍ର ସହାୟତା ରେ ଅତି ନିର୍ମମ ଏବଂ ନୃଶଂସ ଭାବରେ ହତ୍ୟା କରିଥିଲେ ବୋଲି କ୍ଷ ଏହି କାର୍ଯ୍ୟକ୍ରମ ରେ ଜୋନ ସମ୍ପାଦକ ବିଜୟ ସ ସୁରେନ୍ଦ୍ର ମହାପାତ୍ର, ଭାସ୍କର ଦାସ, ନାଗେନ୍ଦ୍ର ଦଳେଇ ଭଗବାନ ନାୟକ, ଦୀପକ ନାୟକ ସମେତ ଅନେକ କମ୍ୟୁନିଷ୍ଟ କର୍ମୀ ଉପସ୍ଥିତ ଥିଲେ କ୍ଷ ଅନୁରୂପ ଭାବେ ଶ୍ୟାମସୁନ୍ଦରପୁର ଜୁରିଆ ପକ୍ଷଟଣା ଠାରେ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ରେ ଶ୍ରାଦ୍ଧ ଦିବସ ପାଳନ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଂଚ ପୁରୁଷତମ ସେଠି, ମନୋରଞ୍ଜନ ଦାସ, ସମିତି ସଭ୍ୟ ଭୋଳାନାଥ ମାଝୀ, ଆଇନଯିବି ଗୌରହରୀ ବେହେରା ଙ୍କ ସମେତ ଶ୍ୟାମସୁନ୍ଦରପୁର ପଂଚାୟତ ର ବହୁ କମ୍ୟୁନିଷ୍ଟ ସାଥି ଉପସ୍ଥିତ ଥିଲେ ।

# ମହାସଂଘ କଳା ଓ କଳାକାରଙ୍କ ହିତ ସାଧନ ନିମନ୍ତେ ଅଙ୍ଗୀକାରବଦ୍ଧ ଅନୁଷ୍ଠାନ : ମୋହନ

ବ୍ରହ୍ମପୁର (ନି.ପ୍ର.): କଳା ଓ କଳାକାର ହିତୈଷୀ ମହାମଂଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ - ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ଠାରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନଙ୍କ ଜନ୍ମଦିବସକୁ 'କଳାକାର ସଂହତି ଦିବସ' ରୂପେ ମହା ସମାରୋହରେ ପାଳନ କରାଯାଇଛି । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଗୋପାଳପୁର - ବକ୍ସିପଲ୍ଲୀ ସ୍ଥିତ ଶ୍ରୀ ନଟରାଜ ଡେନ୍ସ ଏକାଡେମୀର ଗୋଷ୍ଠୀ ନୃତ୍ୟ ସହିତ ଦୁଆନପଲ୍ଲୀ ସ୍ଥିତ ମା' ମଙ୍ଗଳା ଓ କଳାପାଟ ନାଟ୍ୟ ସଂଘ ପ୍ରଯୋଜିତ ଲୋକ ନାଟକ ଲକ୍ଷ୍ମୀ ପୁରାଣ ପରିବେଷଣ କରାଯାଇଥିଲା । ନାଟକଟିରେ ଗୁରୁ ବନଜ କୁମାର ସାହୁ, ଗୁରୁ ପ୍ରବାସୀ ସାହୁ, ଗୁରୁ ପୂର୍ଣ୍ଣ ଚନ୍ଦ୍ର ସାହୁ, କାମା ସାହୁ, ଗଣେଶ ସାହୁ, ଆଶା ସାହୁ ପ୍ରମୁଖ ଅଂଶ ଗ୍ରହଣ କୋରିଥିଲେ । କଳାପ୍ରାଣ କୈଳାସ ପାଣିଗ୍ରାହୀ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ବରିଷ୍ଠ ଉଦଘୋଷକ ସୂର୍ଯ୍ୟ ନାରାୟଣ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ 'ପ୍ରଜ୍ଞା ଅଧିବେଶନରେ ମହାସଂଘ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ । ମଂଚମୋହନ ରାଜେନ୍ଦ୍ର ପତି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ କଳା ଓ କଳାକାରଙ୍କ ହିତ ଉଦ୍ଦେଶ୍ୟରେ ମହାସଂଘର



ନିଷ୍ଠାପର ଅଙ୍ଗିକାରବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଲୋକ ନାଟକ ଗବେଷକ ଡଃ. ବାୟାମନୁ ଚର୍ଚ୍ଚି, ମୁଖ୍ୟବକ୍ତା ନାଟ୍ୟକାର ଅଭୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଖଲିକୋଟ ବ୍ଲକ କଳାକାର ସଂଘ ଉପସଭାପତି ଦିଗାମ୍ବର ମହାରଣା, ଆଦିବାସୀ ଲୋକନୃତ୍ୟବିତ୍ ସନାତନ ଗୌଡ଼, ଅବସରପ୍ରାପ୍ତ ବେତାର କାର୍ଯ୍ୟକ୍ରମ ନିଷ୍ପାଦକ ଜଗଦୀଶ ଅଧିକାରୀ, ବରିଷ୍ଠ ଆଇନଜୀବୀ ଦୟାନିଧି ପାଣିଗ୍ରାହୀ ପ୍ରମୁଖ ମହାସଂଘ କାର୍ଯ୍ୟାଧାରା ଏବଂ ମହାସଚିବ ରୋଶନଙ୍କ ମହାର୍ହ ଭୂମିକା ସମ୍ପର୍କରେ ସିଂହାବଲୋକନ କରିଥିଲେ । ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ ଏବଂ ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧକ୍ଷ ଭବାନୀ ଶଙ୍କର ମିଶ୍ର ଭିଡିଓ ବାର୍ତାରେ କାର୍ଯ୍ୟକ୍ରମର ଶୁଭ କାମନା ଜଣେଇଥିଲେ । ନାଟ୍ୟକାର ଜଗଦୀଶ ଅଧିକାରୀଙ୍କ ନାଟକ ସଂକଳନ 'ଜୀବନ ଏକ ନାଟକ'ର ଲୋକାର୍ପଣ କରାଯାଇଥିଲା । ଏହି ଅବସରରେ ମହାସଂଘ ମହାସଚିବଙ୍କୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଏବଂ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୬୪ତମ ଜନ୍ମଦିନ ବଧେଇ ଜ୍ଞାପନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଗତ ସର୍ବଶ୍ରୀ ଦିଗାମ୍ବର ମହାରଣା, ଶରତ କୁମାର ସାହୁ, ଜଗଦୀଶ ଅଧିକାରୀ, ଶେଖର ସୁମନ ମାଝୀ, ଅଶୋକ କୁମାର ସ୍ୱାଇଁ, କୃତିବାସ ଡାକୁଆ, ଲୋଚନ ସାହୁ, ତ୍ରିପତି ମାଳି, ପୀତବାସ ଲକ୍ଷ୍ମୀପୁରିଆ, ଆର. ସତ୍ୟନାରାୟଣ, ରବୀନ୍ଦ୍ର କୁମାର ବେହେରା, ନାଭିଦିତ୍ୟ ଦିଗାଲ, ଗଗନ କୁମାର ଦାଶ ପ୍ରମୁଖ କିଛି ପ୍ରତିଭାଧରଙ୍କୁ ମହାସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ ମହେନ୍ଦ୍ର କୁମାର ସାହୁ, କୃଷ୍ଣ ପ୍ରସାଦ ସାବତ, ଦୀନବନ୍ଧୁ ପାତ୍ର, ପ୍ରଦୀପ କୁମାର ସାହୁ, ବି. ପ୍ରସାଦ ରାଓ, ବାଲାଜୀ ସାମନ୍ତରା, ତ୍ରିନାଥ ପଣ୍ଡା, ସରୋଜ କୁମାର ପଣ୍ଡା, ଈଶ୍ୱର ଗୌଡ଼, ସନାତନ ରଣା, ମାନସ ଦାସ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ନାଟ୍ୟସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା ମେଟାଲିକ ବିରୋଧ ରେ ଚାଲିଥିବା ଧାରଣାକୁ ସମସ୍ତେ ସମର୍ଥନ କରନ୍ତୁ, ଏହା ଆମର ହକ୍‌ର ଲଢ଼େଇ

ଝାରସୁଗୁଡା,(ନି.ପ୍ର.) ଓଡିଶା ମେଟାଲିକ କମ୍ପାନୀ ବିରୋଧ ରେ ଚାଲିଥିବା ଧାରଣା କୁ ନେଇ ସମସ୍ତେ ସମର୍ଥନ କରିବା ସହିତ ଧାରଣା ରେ ବସିଥିବା ଲୋକ ଙ୍କୁ କିଛି ଲୋକ ମିଥ୍ୟା ଅପବାଦ ଦିଆ ଯାଉଥିବାରୁ ଏହାକୁ ପ୍ରତିବାଦ କରି ବୁଧବାର ଅପରାହ୍ନ ରେ ଝାରସୁଗୁଡା ର ଏକ ଘରୋଇ ହୋଟେଲ ରେ ମରାକୁଟା ସରପଂଚ ଲିଲି ତନ୍ତି ଏବଂ ଗ୍ରାମବାସୀ ଙ୍କ ଦ୍ୱାରା ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇ ଯାଇଛି ।ସରପଂଚ ଲିଲି ତନ୍ତୀ ପ୍ରେସ ମିଟ ରେ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ୨୦୨୨ ମସିହାରେ ସେ ନିର୍ବାଚିତ ହେବା ପରଠାରୁ ସ୍ଥାନୀୟ କମ୍ପାନୀ ସହ ଗ୍ରାମବାସୀଙ୍କ ନିଯୁକ୍ତି ଏବଂ ଅଂଚଳର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ହୋଇଥିବା ଚୁକ୍ତିନାମାକୁ କମ୍ପାନୀ କର୍ତୃପକ୍ଷ ବାରମ୍ବାର ଅବହେଳା କରିଆସୁଛନ୍ତି ।

?ଆମେ ଗତ ୨୦୨୨ ମସିହାରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛୁ, ୨୦୨୩ରେ ଆନ୍ଦୋଳନ କରିଛୁ ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇ-ତିନି ଥର ତ୍ରିସ୍ତରୀୟ ଶୁଣାଣି ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଜନପ୍ରତିନିଧି ଭାବେ ଲୋକଙ୍କ ସୁଖ-ଦୁଃଖ ବୁଝିବା ଆମର କର୍ତବ୍ୟ, ସେଥିପାଇଁ ଗ୍ରାମବାସୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଆମେ ରାଜପଥକୁ ଓହ୍ଲାଇବାକୁ ବାଧ ହୋଇଛୁ । ?କମ୍ପାନୀ ପକ୍ଷରୁ ବାହାର ଲୋକଙ୍କୁ ଆଣି ଆନ୍ଦୋଳନ କରାଯାଉଛି ବୋଲି ଦିଆଯାଉଥିବା ବୟାନକୁ ସରପଂଚ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଏହି ଆନ୍ଦୋଳନରେ କେବଳ ମରାକୁଟା , ବ୍ରଜରାଜନଗର ଓ ଇବ, ଜମେରା ଅଂଚଳର ସ୍ଥାନୀୟ ପ୍ରଭାବିତ ଲୋକମାନେ ହିଁ ସାମିଲ ଅଛନ୍ତି, ଯାହା ଗଣମାଧମର କ୍ୟାମେରାରେ ମଧ ସ୍ୱଷ୍ଟ ଦେଖାଯାଉଛି । ?ଜମି ହରାଇଥିବା ଲୋକଙ୍କୁ ଉପଯୁକ୍ତ ଚାକିରି ପ୍ରଦାନ ଏବଂ ଗ୍ରାମର ବିକାଶମୂଳକ କାର୍ଯ୍ୟକୁ ତୁରନ୍ତ ସମ୍ପାଦନ କରିବା ପାଇଁ ସେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ସମସ୍ତ ପକ୍ଷଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।ସେହିପରି ମରାକୁଟା ଗ୍ରାମ ବାସିନ୍ଦା ବିରଂଚି ମେହେର କହିଛନ୍ତି ଯେ ଆମେ ଗତ ୮ଦିନ ଧରି ଆନ୍ଦୋଳନ କରିଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠୀ ଏହାକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରିଥିଲେ ।ଆମେ ଆନ୍ଦୋଳନ ପୂର୍ବ ରୁ ସର୍ବ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଆଜି ଯେଉଁମାନେ ଆମ କୁ ବିରୋଧ କରୁଛନ୍ତି ସେହିମାନେ ଉକ୍ତ ସର୍ବ ସ୍ତରୀୟ ବୈଠକ ରେ ଏହି ଆନ୍ଦୋଳନ କରିବା ପ୍ରସ୍ତାବ ଦେଇଥିଲେ ।ଆମକୁ ଯେଉଁ ବାହାର ଲୋକ ଆଣି ବିକ୍ଷୋଭ କରୁଛନ୍ତି ବୋଲି କହିଛନ୍ତି ତାହା ସମ୍ପୂର୍ଣ ମିଥ୍ୟା ଅଟେ ।ଏହି ଆନ୍ଦୋଳନ ରେ ମରାକୁଟା, ଜମେରା, ଇବ ତଥା ସ୍ଥାନୀୟ ଅଂଚଳ ର ଜନ ପ୍ରତିନିଧି, ସାଧାରଣ ଗ୍ରାମବାସୀ ଉପସ୍ଥିତ ଥିଲେ, ଯାହାର ଜ୍ୱଳନ୍ତ ପ୍ରମାଣ ଗଣ ମାଧମ ଅଟେ ।ଏହି ଆନ୍ଦୋଳନ ଆଜିର ନୁହେଁ, ଏହା ଏକ ଦୀର୍ଘ ଦିନ ର ଲଢେଇ ଅଟେ ।ଆମକୁ କମ୍ପାନୀ ସବୁ କ୍ଷେତ୍ର ରେ ଛଳନା କରି ଠକିବାରୁ ଆମେ ବାଧ ହୋଇ ରାଜରାସ୍ତା କୁ ଓଲ୍‌ହାଇଛୁ ।ଗତ କିଛି ଦିନ ହେବ ସରକାରୀ ଦଳ ର ବିଧାୟକ ଙ୍କ ନେତୃତ୍ୱ ରେ ଆନ୍ଦୋଳନ ହୋଇଥିଲା, ପରେ କମ୍ପାନୀ ସହିତ ସଲାସୁତୁରା କରି ଆନ୍ଦୋଳନ ବନ୍ଦ କରିଥିଲେ ।ବର୍ତମାନ କମ୍ପାନୀ ଗୋଟିଏ ବ୍ୟକ୍ତି ଙ୍କୁ ନିଯୁକ୍ତି ଦେଇ ନ ଥିବା ବେଳେ ବିଧାୟକ ଟଙ୍କଧର ତ୍ରିପାଠୀ ମଧ ଏଥିରେ ତିଳେମାତ୍ର ସହଯୋଗ କରି ନ ଥିଲେ ।ବିଧାୟକ ତ୍ରିପାଠୀ ଙ୍କ ସମର୍ଥକ ମାନେ ମଧ ବର୍ତମାନ ନିଯୁକ୍ତି, ସ୍ଥାନୀୟ ଅଂଚଳ ସମସ୍ୟା ତଥା କମ୍ପାନୀ ର ବେଆଇନ କାର୍ଯ୍ୟ କଳାପ ଉପରେ ଏଯାଏଁ ହସ୍ତକ୍ଷେପ କରି ନାହାନ୍ତି ।ବରଂ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଆନ୍ଦୋଳନ କୁ ସମର୍ଥନ କରିଥିବାରୁ ଆମେ ଅଂଚଳ ବାସୀ କୃତଜ୍ଞ ବୋଲି ଗ୍ରାମବାସୀ ଙ୍କ ତରଫରୁ କୁହାଯାଇଛି । ଆଗାମୀ ଦିନ ରେ ଆମ୍ଭ ଗ୍ରାମବାସୀ ତଥା ଅଂଚଳ ବାସୀ ଙ୍କ ଦାବୀ ଗୁଡିକ ପୂରଣ ନ ହେଲେ ବିରାଟ ଜନ ଆନ୍ଦୋଳନ ର ରୂପ ନେବ ଏଥିରେ କୌଣସି ଦ୍ୱିମତ ନାହିଁ ବୋଲି ପ୍ରେସ ମିଟ ରେ ମରାକୁଟା ଗ୍ରାମବାସୀ ସୂଚନା ଦେଇଛନ୍ତି ।ଏହି ପ୍ରେସ ମିଟ ସମୟ ରେ ସରପଂଚ ଲିଲି ତନ୍ତୀ,ସମିତି ସଭ୍ୟା ସୁଜାତା ମେହେରବିରଂଚି ମେହେର,ନାଇବ ସରପଂଚ ଆଶିଷ ଗର୍ଡିଆ,ସୁଶାନ୍ତ ବାରିକସତ୍ୟ ପ୍ରକାଶ ସାହୁ,ଡିଲେଶ୍ୱର୍ ମେହେର,ନୃପଲାଲ ମେହେର ପୂର୍ବତନ ସରପଂଚ ସନ୍ତୋଷିନି କାଲୋ,ପୂର୍ବତନ ସରପଂଚ ସୁଦାମ ବାରିକ,ପୂର୍ବତନ ସରପଂଚ ଇନ୍ଦୁମତୀ ମେହେର,ହିମାଂଶୁ ସେଠ ସୁରେଶ ବରିହା,ଟିକଲାଲ ମେହେର,ରମେଶ ଦୀପ,ଅର୍ଜୁନ ବାରିକ,ପ୍ରଶାନ୍ତ ବାରିକ ଅଶୋକ ଦଳେଇ,କ୍ଷୀରୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ବସୁନି ପଂଚାୟତ ସମିତି ବୈଠକ,ଲୋକପ୍ରତିନିଧିଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଖଇରା,(ନି.ପ୍ର.)୬ମାସ ଅତିକ୍ରାନ୍ତ ହୋଇଯିବା ପରେ ବି ବାଲେଶ୍ୱର ଜିଲା ଖଇରା ପ□ାୟତ ସମିତି ର ବୈଠକ ବସିପାରୁନାହିଁ । ଯେଉଁଥିପାଇଁ ଲୋକପ୍ରତିନିଧି ମାନେ ପାଣ୍ଠି ଆବ□ନ ତଥା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣି ପାରୁନାହାଁନ୍ତି । ଆଲୋଚନା ଅଭାବରୁ ସେମାନେ ନିଜର ପ୍ରଶ୍ନ ଉ□ାପନ କରିପାରୁନାହାଁନ୍ତି କି ଜନସାଧାରଣଙ୍କୁ ଦେଇଥିବା ପ୍ରତିଶୃତି ମଧ୍ୟ ରକ୍ଷା କରି ପାରୁନାହାଁନ୍ତି । କହିବାକୁ ଗଲେ ବ□ମାନ ୬ମାସଧରି ଖଇରବାସୀଙ୍କୁ ଅନ୍ଧାରରେ ରଖାଯାଇଯାଇଥିବା ଅଭିଯୋଗ ହୋଇଛି ।ସାଧାରଣତଃ ସମିତିସଭ୍ୟା/ସଭ୍ୟ,ସରପ□ଓ ଜିଲା ପରିଷଦ ସଭ୍ୟା/ସଭ୍ୟ,ବିଧାୟକ,ଏମପି,ଙ୍କୁ ନେଇ ପ□ାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥାଏ । ଏଥିରେ ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ ଯୋଜନା ଏବଂ ସରକାରଙ୍କ ତରଫରୁ ବ୍ଲକକୁ ଯୋଗାଇ ଦିଆଯାଉଥିବା ପାଣ୍ଠି ଉପରେ ଆଲୋଚନା କରାଯାଇଥାଏ । ଏଣୁ ଗାଇଡଲାଇନ ଅନୁଯାୟୀ ପ୍ରତି ୨ମାସ ବ୍ୟବଧାନରେ ଗୋଟିଏ ବୈଠକ ଅନୁଷ୍ଠିତ ହେବାକଥା ଓ ଏଥିରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଯାଇ ଆଗାମୀ ଦିନର ଖର୍ଚ୍ଚ ଉପରେ ଆଲୋଚନା କରାଯାଇଥାଏ । ଖଇରା ପ□ାୟତ ସମିତିର ଶେଷ ବୈଠକ ବା ଦ୍ୱାଦଶ ଅଧିବେଶନ ୨୦୨୫ ମସିହା ଅକ୍ଟୋବର ମାସ ୨୫ତାରିଖରେ ଅନୁଷ୍ଠିତ ହୋଇଥିଲା । ନିୟମ ଅନୁଯାୟୀ ପୁଣି ଡିସେମ୍ବର ମାସରେ କରାଯିବା କଥା । ଯଦି ବିଧାୟକ କିମ୍ବା ଏମପିଙ୍କର ବିଧାନସଭା ବା ସଂସଦ ଚାଲିଥାଏ ଏହା ସରିବା ପରେ କରାଯିବା କଥା । ହେଲେ ବିଭିନ୍ନ ଆଳରେ ବୈଠକ ବନ୍ଦ କରିରଖାଯାଇଥିବା ନେଇ ବହୁ ଲୋକପ୍ରତିନିଧି ଅଭିଯୋଗ କରିଛନ୍ତି । ବିଶେଷ କରି ବ□ମାନ ବ୍ଲକରେ ଉତ୍କଟ ପାନୀୟ ଜଳ ସମସ୍ୟା ଏବଂ ଆଗାମୀ ଦିନର ସମିତି ବଜେଟ ବ୍ୟୟବରାଦ ପାଇଁ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ବେଳେ ଏହା ଡକାନଯିବା ନେଇ ଅସନ୍ତୋଷ ବଢିବାରେ ଲାଗିଛି । ପୂର୍ବ ବୈଠକରେ ହୋଇଥିବା ନିଷ୍ପ□କୁ



କାର୍ଯ୍ୟକାରୀ କରାଯାଇନାହିଁ । ଯାହାକୁ ଲୁଚାଇବାକୁ ବୈଠକକୁ ବାରମ୍ବାର ଘୁ□। ଯାଉଥିବା ନେଇଗ୍ରାନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଛନ୍ତି । କାହିଁକି ଡକାଯାଉନାହିଁ ଏବଂ ବ□ମାନ ବ୍ଲକ ପ୍ରଶାସନର ଉଦ୍ଦେଶ୍ୟ କଣ ବିଷୟରେ ସମସ୍ତ ଲୋକପ୍ରତିନିଧି ଅଜ୍ଞ ବୋଲି ଜଳଦା ସମିତିସଭ୍ୟାରମାକାନ୍ତ ମହାନ୍ତି କହିଛନ୍ତି । ବ୍ଲକ ପ୍ରଶାସନ ର ଦୁର୍ବଳତାକୁ ନେଇ ପ୍ରାୟ ସରପ□ ସମିତିସଭ୍ୟଙ୍କ ମନରେ ଅନେକ ପ୍ରଶ୍ନ ରହିଛି । ଆଲୋଚନାରେ ଏହି ଦୁର୍ବଳତା ପ୍ରତିଫଳିତ ହେବାର ଆଶଙ୍କା ଥିବାର ବୈଠକକୁ ବନ୍ଦ କରି ରଖାଯାଇଥିବା ନେଇ ଗରସଙ୍ଗ ସରପ□ରାଜେନ୍ଦ୍ର ପ୍ରସାଦ ଦାସ କହିଛନ୍ତି । ବିଭିନ୍ନ କାରଣ ପାଇଁ ବୈଠକର ତାରିଖ ଘୁ□ାଇବାକୁ ପଡୁଛି । ଯାହାବି ହେଉ ଅଳ୍ପ ଦିନ ମଧ୍ୟରେ ବୈଠକ ଆହୁତ ପାଇଁ ନିଷ୍ପ□ ନିଆଯାଇଛି ବୋଲି ଖଇରା ବ୍ଲକ ବିଡିଓ କହିଛନ୍ତି ।

# ଭରଦ୍ୱାଜ ବହୁମୁଖୀ ପ୍ରତିଷ୍ଠାନ ପକ୍ଷରୁ ଅଁଳା ଗୁଣ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର (ନି.ପ୍ର.): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଅଁଳା ଗୁଣ ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଅଁଳା ମର୍ତ୍ୟ ଅମୃତ ସର୍ବ ଋତୁରେ ଔଷଧି ରୂପେ ବ୍ୟବହାର କରାଗଲେ ମଧ ଗ୍ରୀଷ୍ମ ଋତୁରେ ଏହା ନିହାତି ଆବଶ୍ୟକ ।ଏହାର ରସ, ଚୂର୍ଣ୍ଣ ବ୍ୟବହାର କଲେ ଅଂଶୁଘାତ, ତୃଷା, ଅଜୀର୍ଣ୍ଣ, ଅମ୍ଳପିତ, ରକ୍ତପିତ,ଦନ୍ତ, ନାସାରୁ ରକ୍ତପଡ଼ିବା, ଶ୍ୱାସ, ଯକ୍ଷ୍ମା, ପ୍ରମେହ, ପରିସ୍ରା




ଜ୍ୱାଳା,ଦୁର୍ବଳତା, ଚକ୍ଷୁ ଓ କେଶ ରୋଗ ଭଲ ହୁଏ ।ଏହାର ରସ କେଶ ଓ ଚର୍ମରେ ଲଗାଇଲେ କାନ୍ତି ବଢେ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରରେ ଅନୁଷ୍ଠିତ ହେଉଛି,ଏହାର ସୁଯୋଗ ନିଅନ୍ତୁ ।

# ବେତନଟୀ ବାର୍ ଆସୋସିଏସନ୍ ତରଫରୁ ମୃତ ଓକିଲଙ୍କ ପରିବାରକୁ ଆର୍ଥିକ ସହାୟତା

ବେତନଟୀ, (ନି ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବାର୍ ଆସୋସିଏସନ୍ ତରଫରୁ ଆଜି ଅମ୍ବଯୋଡ଼ା ଗ୍ରାମର ବରିଷ୍ଠ ଓକିଲ ପ୍ରଫୁଲ୍ଲ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତାଙ୍କ ମୃତ୍ୟୁ ପରେ ସଂଘ ତରଫରୁ ଶୋକ ପ୍ରକାଶ କରାଯାଇଥିଲା । ସୂଚନା ଅନୁଯାୟୀ, ଆଜି ସକାଳ ୯ଟା ସମୟରେ ବେତନଟୀ ବାର୍ ହଲ୍ ?ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ମୃତ ଓକିଲଙ୍କ ଆତ୍ମାର ସଦ୍ ?ଗତି କାମନା କରାଯାଇଥିଲା । ସଭାରେ ପ୍ରଥମାର୍ଦ୍ଧରେ କୋର୍ଟ କାର୍ଯ୍ୟ ବନ୍ଦ ରଖା ଯାଇଥିଲା । ସଂଘର ସଂପାଦକ ପ୍ରବୀର କୁମାର ବାରିକ୍ ଏହି ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ସଦସ୍ୟ ସଞ୍ଜୟ ପାତ୍ର ଏବଂ ରଞ୍ଜିତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ । ବେତନଟୀ ବାର୍ ଆସୋସିଏସନ୍ ମୃତ ଓକିଲଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛି ।

# ଶାସ୍ତ୍ର ଅନୁସାରେ ଆଚରଣ ସମାଜକୁ ଦିଗଦର୍ଶନ ଦିଏ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଦର୍ଶ ଜୀବନ ମୂଲ୍ୟବୋଧ ଏବଂ ଶାସ୍ତ୍ର ଉପରେ ଆଧାରିତ ଆଚରଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ସୁପ୍ରତିଷ୍ଠିତ ମାନଦଣ୍ଡ ଦ୍ୱାରା ପରିଚାଳିତ ମାନବ ଆଚରଣ ବ୍ୟକ୍ତି ଏବଂ ସମାଜ ଉଭୟଙ୍କୁ ଆଲୋକିତ କରେ । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ସଂସ୍କୃତ ପ୍ରବାଦ ସେୟାର କରି ଲେଖିଛନ୍ତି - ‘ତସ୍ମାଚ୍ଛସ୍ତ୍ରମ୍ ପ୍ରମାଣଂ ତେ କାର୍ଯ୍ୟକାର୍ଯକାର୍ୟ୍ୱସ୍ଥିତୌ । ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତମ୍ କର୍ମ କର୍ତୁମିହାରହସି ।‘ ଏହି ଶ୍ଳୋକର ଅର୍ଥ ବ୍ୟାଖ୍ୟା କରି ସେ କହିଛନ୍ତି ଯେ ବ୍ୟକ୍ତିବିଶେଷ କ’ଣ କରିବେ ଏବଂ କ’ଣ କରିବେ ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଶାସ୍ତ୍ରଗୁଡ଼ିକୁ ମାର୍ଗଦର୍ଶିକା ଭାବରେ ବିଚାର କରିବା ଉଚିତ । ଶାସ୍ତ୍ରରେ ଉଲ୍ଲେଖିତ ନିୟମ ଏବଂ ନୀତିଗୁଡ଼ିକୁ ବୁଝିବା ପରେ ହିଁ ବ୍ୟକ୍ତି ନିଜର କାର୍ଯ୍ୟ କରିବା ଉଚିତ ।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଧାର୍ମିକ ଏବଂ ନୈତିକ ଆଚରଣ ଏକ ଦୀପ ସଦୃଶ, ଯାହା କେବଳ ଜଣେ ବ୍ୟକ୍ତିଙ୍କ ଜୀବନକୁ ନୁହେଁ ବରଂ ସମଗ୍ର ସମାଜକୁ ମଧ ଦିଗଦର୍ଶନ ଏବଂ ଆଲୋକ ପ୍ରଦାନ କରେ ।



# ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୭ ବିଭାଗର ୧୦ ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର : ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୦ ତମ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୭ ଟି ବିଭାଗର ୧୦ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧ଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୧ଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧ଟି, ଆଇନ ବିଭାଗର ୩ଟି, ଶକ୍ତି ବିଭାଗର ୨ଟି, ଏହିପରି ମୋଟ ୬ଟି ବିଭାଗର ୧୦ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଗୋଟିଏ ପ୍ରସ୍ତାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କିତ ଥିଲା । ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।




# ଆଗାମୀ ୫ ଦିନ ଯାଏଁ ରାଜ୍ୟରେ ରହିବ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର : ରାଜ୍ୟରେ ଅସହ୍ୟ ହେଉଛି ତାତି । ଆଗାମୀ ୫ଦିନ ଯାଏ ରାଜ୍ୟରେ ରହିବ ଗ୍ରୀଷ୍ମ ପ୍ରବାହ । ଆସନ୍ତା ୨୪ଘଂଟାରେ ନୟାଗଡ ଅନୁଗୁଳ, ସମ୍ବଲପୁର ଓ ଝାରସୁଗୁଡା ଏହି ୪ଜିଲ୍ଲାରେ ପ୍ରବଳ ଖରା ଓ ଗରମକୁ ନେଇ ହିଟ୍ ୱେଭ ଜାରି କରିଛି ପାଣିପାଗ ବିଭାଗ । ଏହାସହ ବଲାଙ୍ଗୀର ଓ ସମ୍ବଲପୁର ଦୁଇ ଜିଲ୍ଲାରେ ଉଷ୍ମ ରାତ୍ରି ସହ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ବରଗଡ଼, ସୁନ୍ଦରଗଡ, ଗଂଜାମ ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଭଦ୍ରକ ଓ ବାଲେଶ୍ୱର ଏହି ୧୬ଜିଲ୍ଲାରେ ଉଷ୍ମ ଓ ଆଦର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେପଟେ ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ ଏହି ୫ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦କିମି ଝଟକା ପବନ ହେବାର ସମ୍ଭାବନା ଥିବାବେଳେ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ ।



# ଇଟାଲୀର ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାଲୀର ମହାମହିମ ରାଷ୍ଟ୍ରପତି ଶ୍ରୀ ସର୍ଗିଓ ମାଟାରେଲାଙ୍କୁ ରୋମ୍‌ସ୍ଥିତ ରାଷ୍ଟ୍ରପତି ଭବନ କ୍ୱିରିନାଲେ ପ୍ୟାଲେସରେ ଭେଟିଛନ୍ତି । ଏହି ସାକ୍ଷାତ ସମୟରେ, ପ୍ରଧାନମନ୍ତ୍ରୀ ଭାରତ-ଇଟାଲୀ ସମ୍ପର୍କକୁ ସୁଦୃଢ଼ କରିବାରେ ରାଷ୍ଟ୍ରପତି ମାଟାରେଲାଙ୍କ ସମର୍ଥନ ଏବଂ ନେତୃତ୍ୱ ପାଇଁ ଧନ୍ୟବାଦ ଜଣାଇଥିଲେ । ଉଭୟ ନେତା ଭାରତ-ଇଟାଲୀ ରଣନୈତିକ ସହଭାଗୀତାର ପ୍ରଗତି କଥା ଉଲ୍ଲେଖ କରିଥିଲେ ଏବଂ ବାଣିଜ୍ୟ ଏବଂ ନିବେଶ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ନବସୃଜନ, ପ୍ରତିରକ୍ଷା ଏବଂ ସୁରକ୍ଷା, ମହାକାଶ, ଶକ୍ତି, କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସଂସ୍କୃତି ଏବଂ ଲୋକ-ଲୋକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଯୋଗକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ । ସେମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା ଉପରେ ମଧ ଆଲୋଚନା କରିଥିଲେ । ଉଭୟ ନେତା ଉଲ୍ଲେଖ କରିଥିଲେ ଯେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଦ୍ୱିପାକ୍ଷିକ ସହଭାଗୀତାର ଗତିକୁ ତ୍ୱରାନ୍ୱିତ କରିବ । ଏହା ସହିତ, ସାମୁଦ୍ରିକ ସୁରକ୍ଷା, ଡିଜିଟାଲ ସଂଯୋଗୀକରଣ ଏବଂ ଶକ୍ତି ଯୋଗାଣ ସୁନିଶ୍ଚିତ କରିବାର ଏକ ମାଧ୍ୟମ ଭାବରେ ବହୁମୁଖୀ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମଇସି)ର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଦୁଇ ନେତା ପର୍ଶ୍ଚିମ ଏସିଆ ଏବଂ ୟୁରୋପରେ ଚାଲିଥିବା ସଂଘର୍ଷ ସମେତ ବିଭିନ୍ନ ବିଶ୍ୱ ଏବଂ ଆଂଚଳିକ ପ୍ରସଙ୍ଗ ଉପରେ ମଧ ଆଲୋଚନା କରିଥିଲେ । ସେମାନେ ଅନ୍ତର୍ଜାତୀୟ ଆଇନ, ମୁକ୍ତ ସାମୁଦ୍ରିକ ଚଳାଚଳ ଏବଂ ବିଭିନ୍ନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପ୍ରତି ସେମାନଙ୍କର ସମାନ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଏହି ଉଷ୍ମ ଆତିଥେୟତା ପାଇଁ ରାଷ୍ଟ୍ରପତି ମାଟାରେଲାଙ୍କୁ ଧନ୍ୟବାଦ ଜଣାଇବା ସହ ଉଭୟ ପକ୍ଷର ସୁବିଧାଜନକ ସମୟରେ ଭାରତ ଗସ୍ତରେ ଆସିବାକୁ ତାଙ୍କୁ ଆମନ୍ତ୍ରଣ କରିଥିଲେ ।



# ରାଜ୍ୟର ବିଭିନ୍ନ ପ୍ରକାରର ଉନ୍ନତ ଓ ଶଙ୍କର କିସମର ଆମ୍ବ ପ୍ରଦର୍ଶନକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱରଠାରେ ଆୟୋଜିତ ଜୋନାଲ କନ୍‌ଫରେନ୍ସରେ ଆମ ରାଜ୍ୟର ବିଭିନ୍ନ ପ୍ରକାରର ଉନ୍ନତ ଓ ଶଙ୍କର କିସମର ଆମ୍ବ ପ୍ରଦର୍ଶିତ ହେବା ସହ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହେବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସଫଳତା ପାଇଁ ସେ ଓଡ଼ିଶାର ସମସ୍ତ ପରିଶ୍ରମୀ ଚାଷୀ ଭାଇଭଉଣୀ ଓ କୃଷି ଉଦ୍ୟୋଗୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୟୂରଭଞ୍ଜର ଆକର୍ଷଣୀୟ ‘ସିମିଲଟନ୍ ସୁନ୍ଦରୀ’, କେଉଁଝରର ‘ବଳଦେବ’, ବଲାଙ୍ଗିରର ‘ଜାହାଙ୍ଗିର’ ଓ ଢେଙ୍କାନାଳର ‘ବେଲଗଜା’ ସମେତ ବିଶ୍ୱପ୍ରସିଦ୍ଧ ‘ମିଆଜାକି’ ଏବଂ ଅନ୍ୟାନ୍ୟ ଉତ୍କୃଷ୍ଟ ଆମ୍ବ କିସମ ଆମ ଚାଷୀଙ୍କ ଦକ୍ଷତା ଓ ନିଷ୍ଠାର ପ୍ରମାଣ ଦେଇଛି । ସବୁଠାରୁ ଆନନ୍ଦର ବିଷୟ ଯେ, ନିକଟରେ ଢେଙ୍କାନାଳର 'ଆମ୍ରପଲ୍ଲୀ' ଆମ୍ବ ଲଣ୍ଡନ ବଜାରକୁ ରପ୍ତାନି ହୋଇ ଆମ ପାଇଁ ଗୌରବ ଆଣିଦେଇଛି । ଆମ ଚାଷୀଙ୍କ ଅକ୍ଲାନ୍ତ ପରିଶ୍ରମ, ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ କୃଷି ଉତ୍ପାଦକ ସଂଗଠନ ଗୁଡ଼ିକର ସଠିକ୍ ସମନ୍ୱୟ ଯୋଗୁଁ ଓଡ଼ିଶାର ଆମ୍ବ ଆଜି ଦେଶ ଓ ବିଦେଶ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟର କୃଷକମାନେ ହିଁ ଆମ ଅର୍ଥନୀତିର ପ୍ରକୃତ ଶକ୍ତି । ଚାଷୀଙ୍କ ବିକାଶ, ସେମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଯୋଗାଇଦେବା ଏବଂ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପ୍ରଦାନ କରିବା ସହ ଉଦ୍ୟାନ କୃଷିର ସାମଗ୍ରୀକ ଅଭିବୃଦ୍ଧି ପାଇଁ ଆମ ସରକାର ସଦାସର୍ବଦା ସଂକଳ୍ପବଦ୍ଧ । ଆମ କୃଷି କ୍ଷେତ୍ରର ଏହି ସଫଳତା ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ।



# ଭାରତ ଓ ଜେନେଭା ମଧ୍ୟରେ ଦ୍ୱିପାକ୍ଷିକ ବୈଠକର ଅଧ୍ୟକ୍ଷତା କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା ୭୯ତମ ବିଶ୍ୱ ସ୍ୱାସ୍ଥ୍ୟ ସଭା ଅବସରରେ ଜେନେଭାରେ ବିଶ୍ୱର ସର୍ବବୃହତ ମହିଳା, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ ମେଣ୍ଟ(ପିଏମ୍ଏନ୍‌ସିଏଚ୍)ର ଅଧକ୍ଷ ହେଲେନ କ୍ଲାର୍କଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଏହି ବୈଠକରେ ଭାରତ ମହିଳା, ଶିଶୁ ଏବଂ କିଶୋରମାନଙ୍କ ସ୍ୱାସ୍ଥ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲା । ଜେ.ପି. ନଡ୍ଡା ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତ ୨୦୦୫ ମସିହାରୁ ପି.ଏମ୍.ଏନ୍.ସି.ଏଚ୍. ସହିତ ଯୋଡ଼ି ହୋଇ ରହିଛି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଏଜେଣ୍ଡାରେ ସକ୍ରିୟ ଭୂମିକା ନିର୍ବାହ କରିଆସୁଛି । ସେ ସୂଚନା ଦେଇଥିଲେ ଯେ ଭାରତ ପି.ଏମ୍.ଏନ୍.ସି.ଏଚ୍.ରେ ସ୍ଥାୟୀ କମିଟିର ଉପାଧ୍ୟକ୍ଷ ଏବଂ ଅଧକ୍ଷ ଭାବେ ସକ୍ରିୟ ନେତୃତ୍ୱର ଭୂମିକା ନିର୍ବାହ କରୁଛି । ସେ ଏହା ମଧ କହିଥିଲେ ଯେ ଭାରତର ବାର୍ଷିକ ୨ ନିୟୁତ ଆମେରିକୀୟ ଡଲାର ସହାୟତା ଜାରି ରଖିବା ପ୍ରକ୍ରିୟା ଜାରି ରହିଛି । ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ‘ନବସୃଜନ ଏବଂ ବ୍ୟାପକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଭାରତ ଅଗ୍ରଣୀ ରହିଆସିଛି । ଆମେ ସବୁବେଳେ ମହିଳା, ଶିଶୁ ଏବଂ କିଶୋରମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇଛୁ ।



# ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ

ଭୁବନେଶ୍ୱର : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଦିନ ଲୋକସେବା ଭବନ କାନଭେନ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ନିକଟରେ ରନ୍ଧନ ଗ୍ୟାସର କଳାବଜାରୀ ରୋକିବାରେ ଯୋଗାଣ ଅଧିକାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରିଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଖାଲି ସେତିକି ନୁହେଁ ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଲୋକମାନଙ୍କ ନିକଟରେ ସରକାରଙ୍କ ଆଭିମୁଖ୍ୟ ପହଂଚିପାରିବ ବୋଲି ସେ ମତ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେୱାଇସି ୯୬ ପ୍ରତିଶତ ଶେଷ ହୋଇଛି । ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ । ସେହିଭଳି ୧୪୪ଟି ସୁଲଭ ମୂଲ୍ୟ ଦୋକାନରେ ଶତପ୍ରତିଶତ ଇ-କେୱାଇସି ଯାଂଚ ଶେଷ ହୋଇଛି ଓ ବାକିଥିବା ଅନ୍ୟ ସୁଲଭ ମୂଲ୍ୟ ଦୋକାନରେ ଏହି ପ୍ରକ୍ରିୟା ଶତପ୍ରତିଶତ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେହିଭଳି ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀମାନଙ୍କଠାରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଦାମ ଚରଣ ମଣ୍ଡଳ, ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ଶ୍ରୀଧର ନାୟକ, ଯୋଗାଣ ନିଗମ ସାଧାରଣ ପରିଚାଳକ ପ୍ରଭାତ ମହାପାତ୍ର, ଶ୍ରୀମତୀ ଏଲୋରା ସାମଲ, ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ ।



# ଚାକିରି ଆଶାୟୀ ଏସସି/ଏସଟି ଯୁବକଯୁବତୀଙ୍କ ପାଇଁ ଷ୍ଟାଇପେଣ୍ଡ ସହ କମ୍ପ୍ୟୁଟର ତାଲିମ ସୁଯୋଗ

## ନେସନାଲ କ୍ୟାରିଅର ସର୍ଭିସ୍ ସେଂଟର ପକ୍ଷରୁ ମାଗଣା ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନ ଆହ୍ୱାନ

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଏସସି/ଏସଟି ନେସନାଲ କ୍ୟାରିଅର ସର୍ଭିସ୍ ସେଂଟର ପକ୍ଷରୁ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ଯୁବକଯୁବତୀଙ୍କ ପାଇଁ ମାଗଣା ଏବଂ ଷ୍ଟାଇପେଣ୍ଡ ଆଧାରିତ କମ୍ପ୍ୟୁଟର ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଆସନ୍ତା ଜୁଲାଇ ପହିଲା ୨୦୨୬ ଠାରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ । ଯୁକ୍ତ ଦୁଇ ପରୀକ୍ଷାରେ ପାସ୍ କରିଥିବା ୧୮ରୁ ୩୦ ବର୍ଷ ବୟସର ପର୍ଯ୍ୟନ୍ତ ଏସସି/ଏସଟି ଛାତ୍ରଛାତ୍ରୀ ଏହିସବୁ ପାଠ୍ୟକ୍ରମର ଲାଭ ନେଇପାରିବେ । ସ୍ୱତନ୍ତ୍ର କୋଚିଂ ସ୍କିମ୍ କୋର୍ସ(୧୮ରୁ ୨୭ ବର୍ଷ), ଏନଆଇଇଏଲଆଇଟି ଜରିଆରେ ‘ଓ’ ଲେବୁଲ ପାଠ୍ୟକ୍ରମ, ‘ଓ’ ଲେବୁଲ କମ୍ପ୍ୟୁଟର ହାର୍ଡୱେର ମେଂଟେନାନ୍ସ ତାଲିମ, ଅଫିସ ଅଟୋମେସନ, ଏକାଉଂଟିଂ ଏବଂ ପବ୍ଲିଶିଂ ଆସିଷ୍ଟାନ୍ସ ପାଠ୍ୟକ୍ରମ, କମ୍ପ୍ୟୁଟର ଆପ୍ଲିକେସନ ଓ ବିଜନେସ୍ ଏକାଉଟିଂ ଆସୋସିଏଟ୍ ପାଠ୍ୟକ୍ରମ, ସାଇବର ସୁରକ୍ଷିତ ୱେବ୍ ଡେଭଲପମେଂଟ ଆସୋସିଏଟ୍ ଆଦି କୋର୍ସରେ ଛାତ୍ରଛାତ୍ରୀ ଏକ ବର୍ଷ ଯାଏ ତାଲିମ ନେଇପାରିବେ । ଏସବୁ ପାଠ୍ୟକ୍ରମରେ ତାଲିମ ସମ୍ପୂର୍ଣ୍ଣ ମାଗଣା ହୋଇଥିବା ବେଳେ ବହି ଓ ଅନ୍ୟାନ୍ୟ ପାଠପଢ଼ା ଉପକରଣ ମଧ ମାଗଣାରେ ଯୋଗାଇ ଦିଆଯିବ । ଏଥିସହିତ ଏକ ବର୍ଷ ପର୍ଯ୍ୟନ୍ତ ମାସିକ ୧ ହଜାର ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ମିଳିବ । ସେହିପରି ଦୁଇ ମାସିଆ କମ୍ପ୍ୟୁଟର କନସେପ୍ଟ କୋର୍ସରେ ମଧ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ । ତେବେ ଏଥିପାଇଁ କୌଣସି ଷ୍ଟାଇପେଣ୍ଡ ମିଳିବ ନାହିଁ । ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟ ବର୍ଗର ଏସସି/ଏସଟି ପରିବାରର ପିଲାମାନେ ଏହାର ଲାଭ ନେଇପାରିବେ । ଇଚ୍ଛୁକ ପ୍ରାର୍ଥୀମାନେ www.ncs.gov.in Kò´û www.dge.gov.in ରେ ବିସ୍ତୃତ ବିବରଣୀ ଦେଖିବା ସହିତ ଫର୍ମ ଡାଉନଲୋଡ୍ କରିପାରିବେ । ଛାତ୍ରଛାତ୍ରୀ ନିଜ ପସନ୍ଦର ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ଆବଶ୍ୟକ କାଗଜପତ୍ର ସହିତ ନିର୍ଦ୍ଧାରିତ ଫର୍ମରେ ୮ ଜୁନ୍ ୨୦୨୬ ସୁଦ୍ଧା ଆବେଦନ କରିପାରିବେ । ଆବେଦନ ଏବଂ ଅନ୍ୟାନ୍ୟ ସୂଚନା ପାଇଁ ଛାତ୍ରଛାତ୍ରୀ ଭୁବନେଶ୍ୱର ପୋଖରୀପୁଟ ଗଣ୍ଡମୁଣ୍ଡା ମଧୁସୂଦନ ପାର୍କ ସାମ୍ନାରେ ଥିବା ନେସନାଲ କ୍ୟାରିଅର ସର୍ଭିସ ସେଂଟର ଏବଂ ୬୨୬୩୭୬୧୮୨୫ ମୋବାଇଲ ନମ୍ବରରେ ମଧ ଯୋଗାଯୋଗ କରିପାରିବେ । ପ୍ରତ୍ୟେକ ଛାତ୍ରଛାତ୍ରୀ କେବଳ ଗୋଟିଏ ପାଠ୍ୟକ୍ରମରେ ନାମ ଲେଖାଇପାରିବେ ।

# ୩ ଜୁଲାଇରୁ ଅମରନାଥ ଯାତ୍ରା



ନୂଆଦିଲ୍ଲୀ : ସାରା ଦେଶର ଶ୍ରଦ୍ଧାଳୁଙ୍କ ପାଇଁ ଏକ ବଡ଼ ଏବଂ ପ୍ରତୀକ୍ଷିତ ଖବର । ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପବିତ୍ର ଅମରନାଥ ଯାତ୍ରା । ଏହି ବାର୍ଷିକ ଯାତ୍ରା ପାଇଁ ଏବେ ସାରା ଦେଶରେ ପ୍ରସ୍ତୁତି ଜୋରଦାର ଚାଲିଛି । ବାବା ବରଫାନୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଅଭୁତ ଉତ୍ସାହ ଦେଖିବାକୁ ମିଳିଛି । ବର୍ତମାନ ସୁଦ୍ଧା ସାଢ଼େ ୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଏହି ଯାତ୍ରା ପାଇଁ ନିଜର ପଞ୍ଜୀକରଣ କରିସାରିଲେଣି । ଏପ୍ରିଲ ୧୫ ତାରିଖରୁ ଦେଶବ୍ୟାପୀ ୫୫୦ଟି ନିର୍ଦ୍ଧାରିତ ବ୍ୟାଙ୍କ ଶାଖାରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି । ୩ ଜୁଲାଇରୁ ଆରମ୍ଭ ହେବାକୁ ଥିବା ଏହି ପବିତ୍ର ଯାତ୍ରା ଦୀର୍ଘ ୫୭ ଦିନ ଧରି ଚାଲିବ ଏବଂ ଅଗଷ୍ଟ ୨୮ ତାରିଖ ଶ୍ରାବଣ ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଅବସରରେ ଏହା ଶେଷ ହେବ । ଶ୍ରଦ୍ଧାଳୁମାନେ ବାଲଟାଲ-ସୋନମର୍ଗ ଏବଂ ନୁନୱାନ-ପହଲଗାମ, ଏହି ଦୁଇଟିଯାକ ମାର୍ଗ ଦେଇ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା କରିପାରିବେ । ପ୍ରଥମ ଥର ପାଇଁ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ : ଶ୍ରୀନଗର ସ୍ଥିତ ଯାତ୍ରୀ ନିବାସ ପନ୍ଥା ଚୌକଠାରେ ପ୍ରଥମ ଥର ପାଇଁ ଏହି ଶୋ’ ଆୟୋଜନ କରାଯାଉଛି, ଯେଉଁଠି ପ୍ରତିଦିନ ଭକ୍ତମାନେ ଭଜନ, କୀର୍ତନ ସହ ଯାତ୍ରା ମାର୍ଗର ସୂଚନା ପାଇପାରିବେ । ନୂଆ ଯାତ୍ରୀ ନିବାସ : ନୁନୱାନ, ବାଲଟାଲ ଏବଂ ବିଜବେହରାରେ ନୂତନ ଭାବେ ନିର୍ମିତ ଅତ୍ୟାଧୁନିକ ଯାତ୍ରୀ ଭବନ ବ୍ୟବହାର କରାଯିବ, ଯେଉଁଠି ହଜାର ହଜାର ଶ୍ରଦ୍ଧାଳୁ ଏକାଠି ରହିପାରିବେ । ଅନ୍ୟପଟେ ଯାତ୍ରା ମାର୍ଗରୁ ବରଫ ହଟାଇବା କାମ ଏବେ ଯୁଦ୍ଧକାଳୀନ ଭିତିରେ ଚାଲିଛି । କେତେକ ସ୍ଥାନରେ ୮ ରୁ ୧୦ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିଥିବା ବେଳେ ବାଲଟାଲ ଟ୍ରାକରେ ୯ କିଲୋମିଟର ଏବଂ ପହଲଗାମ ମାର୍ଗରେ ୮ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ସଫା କରାଯାଇସାରିଲାଣି । ଆସନ୍ତା ଜୁନ୍ ୧୫ ସୁଦ୍ଧା ଟ୍ରାକକୁ ସମ୍ପୂର୍ଣ୍ଣ ସୁଗମ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି ।

# ଜାତିଭିତିକ ଜନଗଣନା ବିରୋଧରେ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ଜାତି ଜନଗଣନା ବିରୋଧରେ ଦାଖଲ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ଏହା ସରକାରଙ୍କ ଏକ ନୀତିଗତ ନିଷ୍ପତି ଏବଂ ଏଥିରେ ହସ୍ତକ୍ଷେ କରିବାର କୌଣସି କାରଣ ନାହିଁ । ଏହି ଆବେଦନରେ ଦାବି କରାଯାଇଥିଲା ଯେ ଆଗାମୀ ଜନଗଣନାରେ ଜାତି ଭିତିକ ଗଣନାକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ ନୁହେଁ, କାରଣ ଏହାର ଅବ୍ୟବହାର ହୋଇପାରେ । ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ପଛୁଆ ବର୍ଗରେ କେତେ ଲୋକ ଅଛନ୍ତି ତାହା ସରକାର ଜାଣିବା ଆବଶ୍ୟକ, । ହାଦ୍ୱାରା ସେମାନଙ୍କ କଲ୍ୟାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇପାରିବ ।କୋର୍ଟ କହିଛନ୍ତି ୍ର ଜନଗଣନା ଜାତି ଭିତିକ କି ନୁହେଁ ତାହା ସରକାରଙ୍କ ପାଇଁ ସମ୍ପୂର୍ଣ୍ଣ ନୀତିଗତ ବିଷୟ । ଅଦାଲତ ହସ୍ତକ୍ଷେ କରିବାର ଆବଶ୍ୟକତା ନାହିଁ, ତେଣୁ ଏହି ପିଆଇଏଲକୁ ଖାରଜ କରାଯାଇଛି । ସୁଧାକର ଗୁମୁଲାଙ୍କ ଦ୍ୱାରା ଏହି ପିଟିସନ ଦାଖଲ କରାଯାଇଥିଲା ।

# ଫିଫା ବିଶ୍ୱକପ ୨୦୨୬ : ଷଷ୍ଠ ୱାର୍ଲ୍ଡକପ୍ ଖେଳିବେ କ୍ରିଷ୍ଟିଆନୋ ରୋନାଲ୍ଡୋ

ଲିସବନ : ଆଗାମୀ ଫିଫା ବିଶ୍ୱକପ୍‌କୁ ଆଉ ମାତ୍ର ୨୨ଦିନ ବାକି ରହିଲା । ଇତିମଧ୍ୟରେ ସମସ୍ତ ଦଳ ଜୋରଦାର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଫିଫା ବିଶ୍ୱକପ୍-୨୦୨୬ ପାଇଁ ପର୍ତୁଗାଲ ଦଳ ଘୋଷଣା ହୋଇଛି । ବିଶ୍ୱ ପ୍ରସିଦ୍ଧ ଫୁଟବଲ୍‌ର କ୍ରିଷ୍ଟିଆନୋ ରୋନାଲଡ୍ମ ଦଳରେ ସ୍ଥାନ ପାଇଛନ୍ତି । ସେ କ୍ୟାରିୟରରେ ଷଷ୍ଠ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି । ୪୧ ବର୍ଷୀୟ ରୋନାଲଡ୍ମୋଙ୍କ ବ୍ୟତୀତ ବ୍ରୁନୋ ଫର୍ଣ୍ଣାଣ୍ଡେଜ୍, ବର୍ଣ୍ଣାଡୋ ସିଲ୍ଭା, ଭିଟିହ୍ନାଙ୍କ ଭଳି ଷ୍ଟାର୍ ଖେଳାଳି ଦଳରେ ସାମିଲ ରହିଛନ୍ତି । ପର୍ତୁଗାଲ ଦଳ ବିଶ୍ୱକପ୍ ପୂର୍ବରୁ ଚିଲି ଓ ନାଇଜେରିଆ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳି ପ୍ରସ୍ତୁତି କରିବ । ବିଶ୍ୱକପ୍‌ରେ ଦଳ ଗ୍ରୁପ୍-କେ’ରେ ଡିଆର୍ କଙ୍ଗୋ, କଲମ୍ବିଆ, ଉଜବେକିସ୍ତାନ ସହ ସ୍ଥାନ ପାଇଛି । ପର୍ତୁଗାଲ ଆଗାମୀ ଜୁନ୍ ୧୭ ତାରିଖରେ ଡିଆର୍ କଙ୍ଗୋ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଏହାପରେ ଦଳ ୨୩ ତାରିଖରେ ଉଜବେକିସ୍ତାନକୁ ଏବଂ ୨୭ତାରିଖରେ କଲମ୍ବିଆକୁ ଭେଟିବ । ଗୋଲ୍‌କିପର : ଡିଓଗୋ କୋଷ୍ଟା, ଜୋସ ସା, ରୁଇ ସିଲ୍ଭା, ରିକାର୍ଡୋ ଭେଲହୋ । ଡିଫେଣ୍ଡର : ଡିଓଗୋ ଡାଲୋଟ, ମାଥ୍ୟୁସ ନୁନେସ୍, ନେଲସନ ସେମେଡୋ, ଜୋଆଓ କାନସ୍ଲୋ, ନୁନୋ ମେଣ୍ଡେସ୍, ଗୋନ୍ସାଲୋ ଇନାସିଓ, ରିନାଟୋ ଭିଗା, ରୁବେନ ଡାୟସ, ଟୋମାସ ଆରାଜୋ । ମିଡ୍ଫିଲ୍ଡର- ରୁବେନ ନେଭେସ, ଜୋଆଓ ନେଭେସ, ଭିଟିହ୍ନା, ବ୍ରୁନୋ ଫର୍ଣ୍ଣାଣ୍ଡେଜ, ବର୍ଣ୍ଣାଡୋ ସିଲ୍ଭା, ଜୋଆଓ ଫେଲିକ୍ସ, ଫ୍ରାନ୍ସିସ୍କୋ ଟ୍ରିଙ୍କାଓ, ଫ୍ରାନ୍ସିସ୍କୋ କନସିକାଓ, ସାମୁ କୋଷ୍ଟା । ଫରୱାର୍ଡ : ପେଡ୍ରୋ ନେଟୋ, ରାଫେଲ ଲିଆଓ, ଗୋନ୍ସାଲୋ ଗୁଏଡେସ୍, ଗୋନ୍ସାଲୋ ରାମୋସ, କ୍ରିଷ୍ଟିଆନୋ ରୋନାଲ୍ଡୋ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**